ବର୍ଷ-୨୫, ସଂଖ୍ୟା-୨୦୩
ଭୁବନେଶ୍ୱର
୩୦, ଜୁଲାଇ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 203
Bhubaneswar
30, July, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଫେରିବେ ତମନ୍ନା

# ୩୦ କୋଟିର ମାରିଜୁଆନା ଜବତ

**ଭୁବନେଶ୍ୱର,୨୯।୭(ମହାଭାରତ):** ଭୁବନେଶ୍ୱର ବିମାନବନ୍ଦରରୁ ମିଳିଲା ୩୦ କୋଟିରହାଇଡ୍ରୋଫୋନିକ ଉଇଡ ବା ମାରିଜୁଆନା। ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ, ମାଡ଼ି ବସିଲା କଷ୍ଟମ ବିଭାଗ ଓଏହି ମାମଲାରେ ୩ ଜଣକୁ ଅଟକ ରଖି ପଚରାଉଚରା କରାଯାଉଛି। ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ



ଜାମ୍, ମୋହିତ ଓ ବାମତି। ଏମାନେ ସମସ୍ତେ ଉତ୍ତର ପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାଯାଇଛି। ଇଣ୍ଡିଗୋ୬-ଇ-୧୦୬୬ ଫ୍ଲାଇଟରେ ଯାତ୍ରା କରୁଥିଲେ। ନିୟମିତ ଲଗେଜ ଯାଞ୍ଚ ସମୟରେ ଏହି ମାଦକ ଦ୍ରବ୍ୟ ଜବତ ହୋଇଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଅଟକ ହୋଇଥିବା ତିନି ଯାତ୍ରୀ ଉତ୍ତରପ୍ରଦେଶର ବାସିନ୍ଦା।ସେମାନେ ଅତ୍ୟନ୍ତ ଶକ୍ତିଶାଳୀ ଗଞ୍ଜେଇକୁ ଛଅଟି ସୁଟକେସରେ ଯତ୍ନର ସହ ଲୁଚାଇ ପରିବହନ କରୁଥିଲେ କାଷ୍ଟମସ୍ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ ଅଟକ ବ୍ୟକ୍ତିଙ୍କୁ ମାଦକ ଚାଲାଣର ଉତ୍ସ ଓ ଗନ୍ତବ୍ୟ ସମ୍ପର୍କରେ ଜେରା କରାଯାଇଥିଲା। ଜବତ ଗଞ୍ଜେଇ ହାଇଡ୍ରୋପୋନିକ ପଦ୍ଧତି (ମାଟି ବିନା ଚାଷ ପ୍ରଣାଳୀ)ରେ ଉତ୍ପାଦିତ, ଯାହାର ଉଚ୍ଚ ଶକ୍ତି ଓ ଅଧିକ ଉତ୍ପାଦନ ହେତୁ ବଜାର ମୂଲ୍ୟ ପ୍ରତି କିଲୋଗ୍ରାମ ପିଛା ଏକ କୋଟି ଟଙ୍କାରୁ ଅଧିକ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଯେ ଏହା ଏକ ବିସ୍ତୃତ ଅନ୍ତର୍ଜାତୀୟ ଚୋରାଚାଲାଣ ନେଟୱାର୍କର ଅଂଶ ଓଡ଼ିଶା, ବିଶେଷତ ଭୁବନେଶ୍ୱର, ଏକ ବେଆଇନ ଚାଲାଣ ପାଇଁ ଗେଟୱେ ଭାବେ ବ୍ୟବହୃତ ହେଉଥିବା ସନ୍ଦେହ ରହିଛି। ଅଧିକାରୀମାନେ ଓଡ଼ିଶାର ଏକ ସଙ୍ଗଠିତ ଚୋରାଚାଲାଣ ରୁଟ ସହ ସମ୍ପର୍କ ତଦନ୍ତ କରୁଛନ୍ତି ଏବଂ ସୀମାପାର ଚୋରାଚାଲାଣ ରୋକିବା ପାଇଁ ନିରୀକ୍ଷଣ ବ୍ୟବସ୍ଥାକୁ କଡ଼ାକଡ଼ି କରିଛନ୍ତି। ମାରିଜୁଆନାର ବଜାର ମୂଲ୍ୟ କିଲୋପିଛା ୧ କୋଟି ହୋଇଥିବା ବେଳେ, ୩ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ମିଳିଛି।

# ବୀରମାନଙ୍କ ବୀରତ୍ୱକୁ କଂଗ୍ରେସର ସମର୍ଥନ ମିଳିଲାନି

## ଅପରେସନ୍ ସିନ୍ଦୂର ଚର୍ଚ୍ଚାରେ ବିରୋଧୀଙ୍କୁ ମୋଦୀଙ୍କ ଜବାବ

**ନୂଆଦିଲ୍ଲୀ,୨୯।୭(ମହାଭାରତ):** ଲୋକସଭା ଏବଂ ରାଜ୍ୟସଭାରେ ଅପରେସନ ସିନ୍ଦୂର ସମ୍ପର୍କରେ ୧୬ ଘଣ୍ଟିଆ ବିତର୍କ ସରିଛି। ବିତର୍କରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ବିରୋଧୀଙ୍କୁ କଡ଼ା ଜବାବ ଦେଇଥିଲେ। ପୂର୍ବରୁ ମଧ ଆତଙ୍କବାଦୀ ଆକ୍ରମଣ ହେଉଥିଲା। କିନ୍ତୁ ଷଡ଼ଯନ୍ତ୍ରକାରୀମାନେ ଏହା ପରେ କିଛି ହେବ ନାହିଁ ବୋଲି ଭାବି ଶାନ୍ତିରେ ବସି ରହୁଥିଲେ। କିନ୍ତୁ ଏବେ ସମୟ ବଦଳିଯାଇଛି। ଭାରତ ଦେଖାଇଛି ଯେ, ଏବେ ଆତଙ୍କବାଦର ମାଲିକଙ୍କ ବିରୁଦ୍ଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେନା ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଯେ, ଆତଙ୍କବାଦର ମାଲିକମାନେ ଏବେ ବି ଶୋଇ ପାରୁନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅପରେସନ ସିନ୍ଦୂର ଉପରେ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ଲୋକସଭାରେ କହିଛନ୍ତି ଯେ, ଭାରତ ସ୍ପଷ୍ଟ କରିଛି ଯେ ଏହା ପରମାଣୁ ବ୍ଲାକମେଲିଂକୁ ଭୟ କରିବ ନାହିଁ। ଅପରେସନ ସିନ୍ଦୂର ସମୟରେ, ଭାରତୀୟ ସେନା ପାକିସ୍ତାନର ସେହି ସ୍ଥାନଗୁଡ଼ିକରେ ପହଞ୍ଚିଥିଲା ଯେଉଁଠାରେ ଏହା ପୂର୍ବରୁ କେବେ ଯାଇ ନଥିଲା। ପାକିସ୍ତାନ ପୂର୍ବରୁ ଭାରତର ଆକ୍ରମଣ ବିଷୟରେ ଅବଗତ ଥିଲା। ଭାରତର ଆକ୍ରମଣ ପରେ, ପାକିସ୍ତାନର ଅନେକ ଏୟାରବେସ୍ ଏବେ ବି ଆଇସିୟୁରେ ଅଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଅଧିବେଶନ ଆରମ୍ଭରେ ସେ ଗଣମାଧ୍ୟମକୁ କହିଥିଲେ, ଏହି ଅଧିବେଶନ ଭାରତର ଗୌରବ ବଢ଼ାଇବା ପାଇଁ। ଏହି ଅଧିବେଶନ ଭାରତର ବିଜୟ ପାଳନ କରିବା ପାଇଁ ଯେତେବେଳେ ମୁଁ



ବିଜୟୋତ୍ସବ କହୁଛି, ଏହା ଆତଙ୍କବାଦୀଙ୍କ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବାର ବିଜୟୋତ୍ସବ। ମୁଁ ଭାରତର ପକ୍ଷ ଉପସ୍ଥାପନ କରିବା ପାଇଁ ଏବଂ ଯେଉଁମାନେ ଭାରତର ପକ୍ଷ ଦେଖିପାରୁନାହାନ୍ତି ସେମାନଙ୍କୁ ଆଇନା ଦେଖାଇବା ପାଇଁ ସଂସଦରେ ଠିଆ ହୋଇଛି। ଦେଶର ୧୪୦କୋଟି ଲୋକଙ୍କ ସ୍ୱର ସହିତ ମୋର ସ୍ୱର ଯୋଡ଼ିବା ପାଇଁ ମୁଁ ଠିଆ ହୋଇଛି।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଗତକାଲି ଅପରେସନ ମହାଦେବରେ ଆମ ସୁରକ୍ଷା ବାହିନୀ ଦ୍ୱାରା ପହଲଗାମର ଆକ୍ରମଣକାରୀଙ୍କୁ ହତ୍ୟା କରାଯାଇଥିଲା। କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ଏଠାରେ ହସର ସହିତ ପଚରାଗଲା ଯେ ଗତକାଲି ଏହା କାହିଁକି ହେଲା, ମୁଁ ବୁଝିପାରୁନାହିଁ ଯେ ଏହି ଲୋକଙ୍କ ସହିତ କ'ଣ ହୋଇଛି। ଏହି ଅପରେସନ ପାଇଁ ସାବତ ମାସର କୌଣସି ସୋମବାରକୁ ବାଛିଥିଲେ କି ?ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ମେ ୯ ତାରିଖରେ ପାକିସ୍ତାନ ପ୍ରାୟ ୧ ହଜାର ଡ୍ରୋନ୍ ଏବଂ ମିସାଇଲ୍ ସାହାଯ୍ୟରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଯଦି ଏହି ମିସାଇଲ୍ ଭାରତର କୌଣସି ଅଂଶରେ ପଡ଼ିଥାନ୍ତା, ତେବେ ଏହା ଭୟଙ୍କର ଧ୍ୱଂସ ଘଟାଇଥାନ୍ତା, କିନ୍ତୁ ଭାରତ ସେଗୁଡ଼ିକୁ ଆକାଶରେ ହିଁ ଧ୍ୱଂସ କରିଦେଇଥିଲା।ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ପୂର୍ବରୁ ଏହି ଲୋକମାନେ କହୁଥିଲେ ଯେ, ସେମାନେ କାହିଁକି ଆକ୍ରମଣ କରୁନାହାନ୍ତି, ଏବେ ସେମାନେ ଏକ ନୂତନ କଥା ଆରମ୍ଭ କରିଛନ୍ତି ଯେ, ଆକ୍ରମଣ କାହିଁକି ବନ୍ଦ କରାଗଲା। ବିଶ୍ୱ ତୁମ ଉପରେ ହସୁଛି। ସେନାକୁ ବିରୋଧ, ସେନା ପ୍ରତି ନକାରାତ୍ମକତା କଂଗ୍ରେସର ପୁରୁଣା ମନୋଭାବ ଥିଲା। ଦେଶ ନିକଟରେ କାର୍ଗିଲ ଦିବସ ପାଳନ କରିଛି, କିନ୍ତୁ ଶେ ଜାଣେ ଯେ, ଆଜି ପର୍ଯ୍ୟନ୍ତ କଂଗ୍ରେସ କାର୍ଗିଲ ଦିବସକୁ ଗ୍ରହଣ କରିନାହିଁ ଇତିହାସ ଏହାର ସାକ୍ଷୀ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ସେ ଆମେରିକାର ଉପରାଷ୍ଟ୍ରପତିଙ୍କୁ କହିଥିଲେ, ଯଦି ପାକିସ୍ତାନ ଆକ୍ରମଣ କରେ, ତେବେ ଆମେ ଏହାର ଉପଯୁକ୍ତ ଜବାବ ଦେବୁ। ଆମେ ଗୁଳିର ଜବାବ ଗୋଳାରେ ଦେବୁ। ଏହା ମେ ୯ ରାତିର କଥା। ୯-୧୦ ମେରେ ଆମେ ପାକିସ୍ତାନର ସାମରିକ ଶକ୍ତିକୁ ନଷ୍ଟ କରିଦେଲୁ। ଏହା ଆମର ଉତ୍ତର ଥିଲା। ଆଜି ପାକିସ୍ତାନ ମଧ ଜାଣେ ଯେ, ଭାରତର ପ୍ରତ୍ୟେକ ଜବାବ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ଭାବେ ଦେବ। ପାକିସ୍ତାନ ଏହା ମଧ ଜାଣେ ଯେ, ଭବିଷ୍ୟତରେ ଆବଶ୍ୟକତା ପଡ଼ିଲେ, ଭାରତ କିଛି ମଧ କରିପାରିବ।ମୁଁ ଗଣତନ୍ତ୍ରର ମନ୍ଦିରରେ ପୁଣି ଥରେ ଦୋହରାଇବାକୁ ଚାହୁଁଛି, ଅପରେସନ୍ ସିନ୍ଦୂର ଚାଲିଛି। ଯଦି ପାକିସ୍ତାନ ସାହସିକତା କଳ୍ପନା କରେ, ତେବେ ତାକୁ ଉପଯୁକ୍ତ ଜବାବ ଦିଆଯିବ। ଆଜିର ଭାରତ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ, ଆଜିର ଭାରତ ଆତ୍ମନିର୍ଭରଶୀଳ। ମନ୍ତ୍ରୀଙ୍କ ସହିତ ପୂର୍ଣ୍ଣ ଶକ୍ତି ସହିତ ଦ୍ରୁତ ଗତିରେ ଆଗକୁ ବଢ଼ୁଛି ଦେଶ। ଦେଖୁଛି, ଭାରତ ଆତ୍ମନିର୍ଭରଶୀଳ ହେଉଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ବିଶ୍ୱର କୌଣସି ଦେଶ ଭାରତକୁ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେବାରୁ ଅଟକାଇ ନାହାନ୍ତି। ୧୯୩ଟି ଜାତିସଂଘ ଦେଶ ମଧ୍ୟରୁ କେବଳ ତିନୋଟି ଦେଶ ପାକିସ୍ତାନକୁ ସମର୍ଥନ କରି ବିବୃତି ଦେଇଥିଲେ।

# ଯନ୍ତ୍ରୀଙ୍କ ମାଳ ମାଳ ଜମି





ଭୁବନେଶ୍ୱର,୨୯।୭(ମହାଭାରତ): ଭିଜିଲାନ୍ସ ଜାଲରେ ଜଣକ ପରେ ଜଣେ ଦୁର୍ନୀତିଗ୍ରସ୍ତ ଅଫିସର ଫସୁଛନ୍ତି। ଗତ ୧୫ ଦିନ ମଧ୍ୟରେ ଡିଏଫ୍‌ଓ, ରେଞ୍ଜର, ଦୁଇ ଦୁଇ ଜଣ ଯନ୍ତ୍ରୀଙ୍କ ସହ ଆହୁରି କିଛି ଅଫିସର ଧରାପଡିଛନ୍ତି। ଏହି ତାଲିକାରେ ଯୋଡ଼ିହୋଇଛନ୍ତି ଆର ଆଣ୍ଡ ଡବ୍ଲୁ ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନା। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉବେଳେ ତାଙ୍କ ନିକଟରୁ ବିପୁଳ ସମ୍ପତ୍ତି ଜବତ ହୋଇଛି।

ଏକକାଳୀନ ୧୦ଟି ସ୍ଥାନରେ ଭିଜିଲାନ୍ସ ଟିମ୍‌ର ଚଢ଼ାଉ କରିଛି। କେବଳ ଭୁବନେଶ୍ୱରରେ ୮ଟି ସ୍ଥାନରେ ଭିଜିଲାନ୍ସ ରେଡ୍ କରିଛି। ନୟାଗଡ଼ର ୨ଟି ସ୍ଥାନ, ପୈତୃକ ଗାଁ ଓ ଶ୍ୱଶୁର ଘରେ ରେଡ୍ କରିଛି। ତାଙ୍କର ୧୩ଟି ଉଚ୍ଚ ଦରର ପ୍ଲଟ ଠାବ ହୋଇଛି। ୯ଟି ପ୍ଲଟ ଭୁବନେଶ୍ୱରରେ, ୩ଟି ନୟାଗଡ଼ ଏବଂ ଗୋଟିଏ ପ୍ଲଟ ଖୋର୍ଦ୍ଧାରେ ରହିଛି। ଉତ୍କଳ ଗ୍ୟାଲେରିଆ ମଲରେ ରହିଛି ସୋ ରୁମ, ସିମ୍ଫୋନି ମଲରେ ରହିଛି ଦୋକାନ। ବ୍ୟାଙ୍କ ଡିପୋଜିଟ ଏବଂ ଇନଭେଷ୍ଟମେଣ୍ଟର ଚାଲିଛି ଖୋଳ ତାଡ଼। ଭିଜିଲାନ୍ସର ଟେକ୍ନିକାଲ ଟିମ ମାପ ଏବଂ ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି।

ଭୁବନେଶ୍ୱରର ନୀଳାଦ୍ରି ବିହାରର ସେକ୍ଟର-୫ରେ ଅବସ୍ଥିତ ପ୍ଲଟ୍ ନଂ. ୨୨୬ ଉପରେ ପ୍ରାୟ ୩,୫୦୦ ବର୍ଗଫୁଟ ବିଶିଷ୍ଟ ଗୋଟିଏ ବହୁତଳ କୋଠା। ଦୁଇଟି ଫ୍ଲାଟ୍ - ଗୋଟିଏ ଫ୍ଲାଟ୍ ନଂ.ଇ-୦୮୩ର ୧୮୦୦ ବର୍ଗଫୁଟ ପରିମିତ ୮ମ ମହଲାରେ ଏବଂ ଅନ୍ୟ ଏକ ଫ୍ଲାଟ୍ ନଂ.ଏଚ୍-୧୬୪ ଯାହା ୬୫୦ ବର୍ଗଫୁଟ ପରିମିତ, ଟାୱାର ଏଚ୍ ର ୧୬ତମ ମହଲା, ଉଭୟ କସ୍ମୋପୋଲିସ୍, ଭୁବନେଶ୍ୱରରେ। ଭୁବନେଶ୍ୱର ଭିଜିଲାନ୍ସର ମାନ୍ୟବର ବିଶେଷ ବିଚାରପତିଙ୍କ ୱାରେଣ୍ଟ ଆଧାରରେ ୭ ଜଣ ଡିଏସପି, ୫ ଜଣ ଇନ୍ସପେକ୍ଟର, ୧ ଜଣ ଏସଆଇ, ୧୧ ଜଣ ଏଏସଆଇ ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ ଏହି ଅଭିଯାନରେ ଅଂଶଗ୍ରହଣ କରିଛନ୍ତି।

# ଆକାଂକ୍ଷୀ ଜିଲ୍ଲାମାନଙ୍କର ଆକାଂକ୍ଷା ପୂରଣ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୭(ମହାଭାରତ): ରାଜ୍ୟ କନଭେନସନ କେନ୍ଦ୍ର ଠାରେ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଠାରୁ ଏକ ସପ୍ତାହ ବ୍ୟାପି ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆସ୍ପିରେସନାଲ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ ସାବ୍ୟସ୍ତ ହୋଇଛି ବୋଲି କହିବା ସହିତ ଆଗାମୀ ଦିନ ମାନଙ୍କରେ ଆକାଂକ୍ଷୀ ଜିଲ୍ଲା ମାନଙ୍କର ଆକାଂକ୍ଷା ପୂରଣ ହେବ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେଯେ, ଆସ୍ପିରେସନାଲ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇ ପାରିବ ତା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ



ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି। ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩ଟି ସି, ଯଥା- କନଭେର୍ଜେନ୍ସ ଅର୍ଥାତ କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କମ୍ପିଟିସନ ଅର୍ଥାତ- କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ କୋଲାବରେସନ ଅର୍ଥାତ- ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ ଗୁଡିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି ।

ସେ ଆହୁରି କହିଥିଲେ, ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ- ଭୋକାଲ୍ ଫର ଲୋକାଲ୍ ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହାକୁ ବାସ୍ତବ ରୂପ ଦେବା ନିମନ୍ତେ ୨୦୨୪ ମସିହାରେ ଆକାଂକ୍ଷା ବ୍ରାଣ୍ଡର ଶୁଭାରମ୍ଭ କରାଯାଇଛି। ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି ଯେ, ଏହି ଆକାଂକ୍ଷା ବ୍ରାଣ୍ଡକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି। ଏହି ଆକାଂକ୍ଷା ହାଟ ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡିକର ବଜାର ଉପଲବ୍ଧତା ବୃଦ୍ଧି ପାଇବ। ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳି ପାରିବ । ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଙ୍ଗ୍ ନିମନ୍ତେ ଡିଜିଟାଲ ଇ-ମାର୍କେଟପ୍ଲେସ ଗୁଡ଼ିକରେ ମଧ ଉପଲବ୍ଧ କରାଯିବ। ଏହା ଦ୍ୱାରା ଏହି ଉତ୍ପାଦ ଗୁଡିକର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇ ପାରିବ ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଏବଂ ଉପଲବ୍ଧତା ବୃଦ୍ଧି ନିମନ୍ତେ ଆକାଂକ୍ଷା ବ୍ରାଣ୍ଡର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ।

ସେ ପୁଣି କହିଥିଲେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ୨୦୧୮ ଜାନୁୟାରୀ ମାସରେ ଶୁଭାରମ୍ଭ କରିଥିଲେ ।ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ୨୦୨୩ ଜାନୁୟାରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା।

# ଏଏସ୍ଆଇକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପତ୍ର

**ପୁରୀ, ୨୯।୭ (ମହାଭାରତ):** ଶ୍ରୀମନ୍ଦିର ଭିତର ଚକଡ଼ା ଚିତ୍ର ସୋସିଆଲ୍ ମିଡିଆରେ ପ୍ରକାଶନ ଘଟଣାରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) କର୍ତ୍ତୃପକ୍ଷଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପତ୍ର ଲେଖିଛନ୍ତି। ଏଥିରେ ସେ ଶ୍ରୀଜଗନ୍ନାଥ ମନ୍ଦିରର ପବିତ୍ରତା ତଥା ଆଧାତ୍ମିକତା ବଜାୟ ରଖିବା ପ୍ରତ୍ୟେକ ଭକ୍ତ ଏବଂ ଶ୍ରୀମନ୍ଦିର ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି କହିଛନ୍ତି। ତେଣୁ ଶ୍ରୀମନ୍ଦିର ସମ୍ପର୍କିତ ଚିତ୍ର ପ୍ରକାଶନ ସମୟରେ ଅଧିକ ସତର୍କ ହେବାକୁ ମୁଖ୍ୟ ପ୍ରଶାସକ ଏଏସଆଇକୁ ପରାମର୍ଶ ଦେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଶ୍ରୀମନ୍ଦିର ଭିତର ବେଢାର ଚିତ୍ର ସୋସିଆଲ ମିଡିଆରେ ପ୍ରକାଶନ କରାଯାଇଥିବା ନଜରକୁ ଆସିଥିଲାକ୍ଷ ସଙ୍ଗେସଙ୍ଗେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏନେଇ ଏଏସଆଇ ମହାନିର୍ଦ୍ଦେଶକଙ୍କ ଦୃଷ୍ଟିକୁ ଆଣିଥିଲେ ଏବଂ ଏଏସଆଇ ପକ୍ଷରୁ ସମ୍ପୃକ୍ତ ଚିତ୍ର ଡିଲିଟ ମଧ୍ୟ କରାଯାଇଥିଲା।

# 'ବିକଶିତ ଭାରତ'ସ୍ୱପ୍ନକୁ ସାକାର କରିବ ନୂଆ ଶିକ୍ଷା ନୀତି : ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୯।୭(ପିଆଇବି): 'ବିକଶିତ ଭାରତ' କେବଳ ଏକ ଭିଜନ ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦିଆଯାଇଥିବା କାମକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ଶକ୍ତିଶାଳୀ ଆହ୍ୱାନ। ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ହେଲେ ଜାତୀୟ ଶିକ୍ଷା ନୀତି ସବୁଠାରୁ ପ୍ରଭାବଶାଳୀ ଅସ୍ତ୍ର ବୋଲି ମଙ୍ଗଳବାର ନୂଆଦିଲ୍ଲୀ ଠାରେ ଜାତୀୟ ଶିକ୍ଷା ନୀତି ୨୦୨୦ର ୫ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଅଖିଳ ଭାରତୀୟ ଶିକ୍ଷା ସମାଗମ (ଏବିଏସଏସ)-୨୦୨୫କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଗୌରବମୟ ଅବସରରେ ଜାତୀୟ ଶିକ୍ଷା ନୀତି ୨୦୨୦ର ଡ୍ରାଫଟିଂ କମିଟିର ଅଧ୍ୟକ୍ଷ ପଦ୍ମବିଭୂଷଣ ଡକ୍ଟର କେ କସ୍ତୁରୀରଙ୍ଗନଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ, ଭାରତର ଶିକ୍ଷା ଏବଂ ମହାକାଶ କ୍ଷେତ୍ରରେ ଅଗ୍ରଣୀ ଅବଦାନକୁ ସ୍ୱୀକୃତି ଦେଇ ଶ୍ରୀ ପ୍ରଧାନଙ୍କ ସମେତ ସମ୍ମାନିତ ବ୍ୟକ୍ତିମାନେ ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହା ପରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଜୟନ୍ତ ଚୌଧୁରୀ ଜାତୀୟ ଶିକ୍ଷା ନୀତିର ପଞ୍ଚମ ବାର୍ଷିକୀରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ମଧ ପଠନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଶିକ୍ଷା ସାକ୍ଷରତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ପ୍ରାୟ ୪,୦୦୦ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପର ଅନାବରଣ କରିଥିଲେ । ଏହି ପ୍ରକଳ୍ପରେ ଶିକ୍ଷା କ୍ଷେତ୍ରରେ ନୂଆ ଉପକ୍ରମ, ପଦକ୍ଷେପ, ନୂଆ କ୍ୟାମ୍ପସର ଉଦଘାଟନ ସହ ଅନେକ ପ୍ରକଳ୍ପର ଶିଳାନ୍ୟାସ ଅନ୍ତର୍ଭୁକ୍ତ ।



ଏହି ଅବସରରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତି ୨୦୨୦ର ପାଞ୍ଚ ବର୍ଷ ସଫଳ ସମାପନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିବର୍ତ୍ତନକାରୀ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଭାରତର ଅଭିବୃଦ୍ଧିରେ ଶିକ୍ଷାର ବଡ଼ ଭୂମିକା ରହିବ ବୋଲି ପ୍ରଧାନମନ୍ତ୍ରୀଙ୍କ ମନରେ ରହିଛି । ଦେଶ 'ବିକଶିତ ଭାରତ ୨୦୪୭' ର କଳ୍ପନା ଆଡକୁ ଅଗ୍ରସର ହେଉଥିବା ବେଳେ ଜାତୀୟ ଶିକ୍ଷା ନୀତି ଏହାକୁ ଆଗେଇ ନେବା ଦିଗରେ ଏକ ଜାତୀୟ ମିଶନ ଭାବରେ କାର୍ଯ୍ୟ କରିବ । ବିଗତ ପାଞ୍ଚ ବର୍ଷ ମଧ୍ୟରେ ସରକାର ଜାତୀୟ ଶିକ୍ଷା ନୀତିକୁ ପଲିସିରୁ ପ୍ରାକ୍ଟିସକୁ ନେବାରେ ସଫଳ ହୋଇଛନ୍ତି । ଏହି ନୀତି ଶିକ୍ଷା ବ୍ୟବସ୍ଥାରେ ଏକ ଅନୁକରଣୀୟ ପରିବର୍ତ୍ତନ ଆଣିବା ସହ ଶ୍ରେଣୀଗୃହ, କ୍ୟାମ୍ପସ ଏବଂ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିଛି । ଶ୍ରୀ ପ୍ରଧାନ ଉଲ୍ଲେଖ କରିଥିଲେ ଯେ ଜାତୀୟ ଶିକ୍ଷା ନୀତିର ମୂଳରେ ଭାରତୀୟ ବିଚାରଧାରା ରହିଛି । ବୈଜ୍ଞାନିକ ଶିକ୍ଷା, ନବସୃଜନ, ଗବେଷଣା, ଭାରତୀୟ ଜ୍ଞାନ ପ୍ରଣାଳୀ ଏବଂ ଭାରତୀୟ ଭାଷା ଉପରେ ଶିକ୍ଷା ନୀତି ବିଶେଷ ଧ୍ୟାନ ଦେବା ସହ ଶିକ୍ଷା ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ବ୍ୟାପକ ଲକ୍ଷ୍ୟ ରଖିଛି ।ପ୍ରତ୍ୟେକ ଶ୍ରେଣୀଗୃହରେ ଏକ ଅର୍ଥପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବା ଉପରେ ଦୃଷ୍ଟି ଦେବା ସହ ପ୍ରତ୍ୟେକ ପିଲାର ସାମର୍ଥ୍ୟକୁ ପ୍ରସ୍ଫୁଟିତ ସୁନିଶ୍ଚିତ କରିବା ପାଇଁ ଶ୍ରୀ ପ୍ରଧାନ ସେ ସମସ୍ତ ଅଂଶୀଦାରଙ୍କୁ ସକ୍ରିୟ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ।ଶ୍ରୀ ପ୍ରଧାନ କହିଥିଲେ ଅଖିଳ ଭାରତୀୟ ଶିକ୍ଷା ସମାଗମ କେବଳ ଏକ ସମ୍ମିଳନୀ ନୁହେଁ ବରଂ ଏକ ବିକଶିତ ଭାରତ ନିର୍ମାଣ ପାଇଁ ଜାତୀୟ ସଂକଳ୍ପର ଏକ ସାମୂହିକ ଅଭିବ୍ୟକ୍ତି । ସେ ସମସ୍ତଙ୍କୁ ଜାତୀୟ ଶିକ୍ଷା ନୀତିର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ମନର ସହ ପ୍ରତିବଦ୍ଧ ହେବାକୁ ଆହ୍ୱାନ କରିଥିଲେ ।

# ଦୁର୍ଘଟଣାରେ ୧୮ କାଉଡିଆ ମୃତ

ରାଞ୍ଚି,୨୯।୭(ଏଜେନସି): ଝାରଖଣ୍ଡର ଦେଓଗଡ଼ ଜିଲ୍ଲା ଜାମୁନିୟା ଗାଁ ନିକଟରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା। ଗୋଟିଏ ବସ୍ ସହ ପିଟି ହୋଇଛି ସିଲିଣ୍ଡର ବୋଝେଇ ଟ୍ରକ୍। ଏଥିରେ ୧୮ ଜଣ କାଉଡ଼ିଆଙ୍କ ଜୀବନ ଯାଇଥିବା ବେଳେ ଅନ୍ୟ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି।



ବାବା ବୈଦ୍ୟନାଥ ଧାମ ମନ୍ଦିରରେ ଶ୍ରାବଣ ମେଳାରେ ପବିତ୍ର ଜଳ ଢାଳିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଯାଉଥିବା ବେଳେ ଏହି ଘଟଣା ଘଟିଛି। ଦୁର୍ଘଟଣାକୁ ନିଶ୍ଚିତ କରି ଦେଓଗଡ଼ ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଛନ୍ତି ଯେ ମୋ ଲୋକସଭା ନିର୍ବାଚନ ମଣ୍ଡଳୀ ଦେଓଗଡ଼ରେ ଶ୍ରାବଣ ମାସରେ ଚାଲିଥିବା କାଉଡ଼ିଆ ଯାତ୍ରା ବେଳେ ୧୮ ଜଣ ଶ୍ରଦ୍ଧାଳୁ ଜୀବନ ହରାଇଛନ୍ତି ।ଗୋଟିଏ ବସ ଓ ଟ୍ରକ ଦୁର୍ଘଟଣା ଯୋଗୁ ଏପରି ଘଟଣା ଘଟିଛି। ଏହି ଦୁଃଖ ସମୟରେ ବାବା ବୈଦନାଥ ଜୀ ସେମାନଙ୍କ ପରିବାରକୁ ଶକ୍ତି ଦିଅନ୍ତୁ। ଦୁର୍ଘଟଣା ସ୍ଥଳଟି ମୋହନପୁର ବ୍ଲକ ଅଧୀନରେ ରହିଛି। ଜାମୁନିୟା ନଦୀ ନିକଟରେ ଏହା ରହିଥିବା ବେଳେ ଏଠାରେ ଗୋଟିଏ ପ୍ରସିଦ୍ଧ ଶିବ-ପାର୍ବତୀ ମନ୍ଦିର ଅଛି। ବସଟି ୩୫ ଜଣ ଶ୍ରଦ୍ଧାଳୁଙ୍କ ଧରି ଦେଓଗଡ଼ ଯାଉଥିଲା। ଶ୍ରଦ୍ଧାଳୁମାନେ ବାବା ବୈଦନାଥ ଧାମରେ ଜଳ ଢାଳିବାର ଥିଲା। କିନ୍ତୁ ଅଧା ବାଟରେ ବସ୍ ସହ ଗ୍ୟାସ ସିଲିଣ୍ଡର ବୋଝେଇ ଟ୍ରକର ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରକ ସହ ପିଟି ହେବା ପରେ ବସଟି ଗୋଟିଲ ଇଟା ଭାଟିକୁ ମଧ ଧକ୍କା ଦେଇଥିଲା।

# ୧ ଲକ୍ଷ ୮୧ ହଜାର ନକଲି ଚାଷୀ ଚିହ୍ନଟ

**ଭୁବନେଶ୍ୱର, ୨୯।୭ (ସ୍ୱାଧିକାର ନ୍ୟୁଜ) :** ଲୁଟୁଛନ୍ତି ନକଲି ଚାଷୀୟ ରାଜ୍ୟରେ ଏତେ ସଂଖ୍ୟକ ନକଲି ଚାଷୀ ଅଛନ୍ତି, ଯେଉଁମାନଙ୍କ ପାଇଁ ପ୍ରକୃତ ଚାଷ କରୁଥିବା ଲୋକ ଲାଭବାନ ହୋଇପାରୁନାହିଁ। ଏଭଳି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ନକଲି ଚାଷୀମାନେ ରାଜସ୍ୱ ଲୁଟ୍ କରିବା ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ଚାଷୀ କେହି ଏମିତି କରି ନାହାନ୍ତି। ଏସବୁ ଦଲାଲଙ୍କ କାମ। ବିଜେଡ଼ି ସରକାର ସମୟରୁ ସେମାନେ ଏଭଳି କାମ କରି ଆସୁଥିଲେ ଏବଂ ରାଜସ୍ୱ ଲୁଟ କରୁଥିଲେ। ଯେଉଁମାନେ ସବୁ ଧରା ପଡିଛନ୍ତି ସେମାନେ ସବୁ ବିଜେଡି ସମର୍ଥିତ ଲୋକ। ସେ ଆହୁରି କହିଛନ୍ତି ଯେ, ପୂର୍ବରୁ ଥିବା ସରକାରଙ୍କ ରାଜୁତି ସମୟରେ ଚାଷୀଙ୍କ ନାଁରେ ମିଛ ପଞ୍ଜିକରଣ କରି ଜାଲିଆତି କରାଯାଉଥିଲା। ଗତବର୍ଷ ଆମେ ନଜାଣି ପାରିବାରୁ ଏଭଳି କିଛି ନକଲି ଚାଷୀ ପଞ୍ଜିକରଣ କରି ଧାନ ବିକ୍ରି କରିଥିଲେ।

# ବ୍ରେଡ୍ ଦହି ବରା

**ଆବଶ୍ୟକ ସାମଗ୍ରୀ:** ୪ ପିସ୍ ବ୍ରେଡ୍, ୩/୪ କପ୍ ଦହି, ଆବଶ୍ୟକ ଅନୁସାରେ ଧନିଆ ଚଟଣୀ, ଆବଶ୍ୟକ ଅନୁସାରେ କଞ୍ଚା ଲଙ୍କା, ଆବଶ୍ୟକ ଅନୁସାରେ ତେନ୍ତୁଳି ଚଟଣୀ, ୧ ଛୋଟ ଚାମଚ ଚିନି, ୧ଛୋଟ ଚାମଚ ଆମଚୁର ପାଉଡର, ୧ ବଡ ଚାମଚ ଧନିଆ ପତ୍ର, ୨ଟି ସିଝା ଆଳୁ, ଆବଶ୍ୟକ ଅନୁସାରେ ଲୁଣ ଏବଂ ଆବଶ୍ୟକ ଅନୁସାରେ କଳା ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ଏକ ବଡ ପାତ୍ରରେ ସିଝା ଆଳୁକୁ ଦଳି ଦିଅନ୍ତୁ। ଏଥିରେ କଞ୍ଚା ଲଙ୍କା, ଆମଚୁର ପାଉଡର, କିଶମିସ, ଜିରା ଏବଂ ଲୁଣ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାପରେ ଆଉ ଏକ ପାତ୍ରରେ ଦହିରେ ଚିନି ପକାଇ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ସିଝା ଆଳୁର ମିଶ୍ରଣକୁ ଗୋଲ ଗୋଲ ଆକର ଦେଇ ବ୍ରେଡ୍ ପିସରେ କଭର କରିଦିଅନ୍ତୁ। ଏହାପରେ ଏକ ଫ୍ରାଇଂ ପ୍ୟାନରେ ଅଳ୍ପ ଘିଅ ପକାଇ ଏହି ବ୍ରେଡ୍ ବରାଗୁଡିକୁ ଭାଜନ୍ତୁ। ଭାଜି ହୋଇସାରିବା ପରେ ପ୍ଲେଟକୁ ବାହାର କରି ସେଥିରେ ମିଠା ଦହି, ତେନ୍ତୁଳି ଚଟଣୀ, ଧନିଆ ଏବଂ ଜିରା ପାଉଡର ଓ ଲଙ୍କା ଗୁଣ୍ଡ ପକାନ୍ତୁ। ପରେ ତା'ଉପରେ ଧନିଆ ପତ୍ର ଏବଂ କଳା ଲୁଣ ପକାଇ ପରଷନ୍ତୁ।



ଖବର

# ୯୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଦୀପିକା



'ଗ୍ଲୋବାଲ କଲ୍‌ଚରାଲ ପବ୍ଲିକେଶନ 'ଦି ସିଫ୍ଟ'ର ପ୍ରସିଦ୍ଧ '୯୦+ ୱିମେନ୍ ସେପିଂ କଲ୍‌ଚର' ତାଲିକାରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ ସାମିଲ କରାଯାଇଛି। ମାନସିକ ସ୍ୱାସ୍ଥ୍ୟ ସଚେତନତା ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ପ୍ରୟାସ ଯୋଗୁ ଦୀପିକାଙ୍କୁ ଏହି ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ତାଲିକାରେ ୯୦ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଦୀପିକାଙ୍କ ସହ ହଲିଉଡ୍ ଅଭିନେତ୍ରୀ ତଥା ସିଙ୍ଗର ସେଲେନା ଗୋମେଜ୍, ଆମେରିକୀୟ ଅଭିନେତ୍ରୀ ତଥା ଫିଲ୍ମ ନିର୍ମାତା ଆଞ୍ଜେଲିନା ଜୋଲି, ପ୍ରସିଦ୍ଧ ସିଙ୍ଗର ବିଲି ଏଲିଶ୍, ଓଲିଭିଆ ରୋଡ୍ରିଗୋ ପ୍ରମୁଖ ରହିଛନ୍ତି। ଦୀପିକା ରବିବାର ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। ଏହି ସମ୍ମାନ ପାଇଁ ସେ 'ଦି ସିଫ୍ଟ' ନିକଟରେ କୃତଜ୍ଞ। ପ୍ରକାଶ ଯେ, ନିଜ କାର୍ଯ୍ୟ, ଚିନ୍ତାଧାରା, ସୃଜନଶୀଳତା ଏବଂ ସାମାଜିକ ପ୍ରଭାବ ମାଧ୍ୟମରେ ବିଶ୍ୱର ଚିନ୍ତାଧାରା ଏବଂ ସଂସ୍କୃତିକୁ ଆକାର ଦେଇପାରୁଥିବା ପ୍ରଭାବଶାଳୀ ମହିଳାଙ୍କୁ '୯୦+ ୱିମେନ୍ ସେପିଂ କଲ୍‌ଚର' ତାଲିକାରେ ସ୍ଥାନିତ କରାଯାଇଥାଏ।



## ଶ୍ରୀରାମଙ୍କ ଶରଣ

ହନୁମାନ ସମୁଦ୍ର ଲଙ୍ଘନ କରି ମାତା ସୀତାଙ୍କୁ ଖୋଜିବା ଲାଗି ଲଙ୍କାରେ ପହଞ୍ଚିଲେ । ସେ ପ୍ରଥମେ ରାବଣର ସାନ ଭାଇ ବିଭୀଷଣ ନିକଟରେ ପହଞ୍ଚିଲେ । ବିଭୀଷଣ ହନୁମାନଙ୍କୁ ଏକ ଛୋଟ ପ୍ରଶ୍ନ ପଚାରିଲା- ପ୍ରିୟ ହନୁମାନ ! ମୋତେ କୁହ ଯେ ପ୍ରଭୁ ଶ୍ରୀରାମ କ'ଣ ମୋ ଉପରେ କୃପା ଦୃଷ୍ଟି ପକାଇବେ ? ରାବଣ ମୋ ଭାଇ । ଏହା ଜାଣିସୁଦ୍ଧା ସେ କ'ଣ ମୋତେ ଏ ସଂସାରରୁ ମୁକ୍ତି ଦେବେ ? ଏହାଶୁଣି ହନୁମାନ କହିଲେ, ବିଭୀଷଣ ମହୋଦୟ ! ଆପଣ କାହିଁ ଅଯଥା ସନ୍ଦେହରେ ପଡୁଛନ୍ତି ? ମୋ ଭଳି ବାନର କୁଳରେ ଜନ୍ମିତ ଜଣେ ତୁଚ୍ଛ ବାନରକୁ ପ୍ରଭୁ ଶ୍ରୀରାମ ଶରଣ ଦେଇଛନ୍ତି । ସେ ମୋତେ ତାଙ୍କ ଦାସ ଭାବେ ସ୍ୱୀକାର କରିଛନ୍ତି, ଆପଣଙ୍କୁ କାହିଁକି କରିବେ ନାହିଁ? ଆପଣ ତ' ଜଣେ ମନୁଷ୍ୟ । ଆପଣଙ୍କୁ ସେ ନିଶ୍ଚେ ସହାୟତା କରିବେ । ଏହା କହି ହନୁମାନ ନିଜ ଭକ୍ତି ମାଧ୍ୟମରେ ବିଭୀଷଣଙ୍କ ହୃଦୟରେ ଶ୍ରୀରାମଙ୍କ ପ୍ରତି ଅତୁଟ ବିଶ୍ୱାସ ଜନ୍ମାଇ ପାରିଥିଲେ । ଏହି କାରଣରୁ ବିଭୀଷଣ ନିଜକୁ ପ୍ରଭୁ ଶ୍ରୀରାମଙ୍କ ଠାରେ ସମ୍ପୂର୍ଣ୍ଣ ରୂପରେ ସମର୍ପି ଦେଇଥିଲେ ।



# ଦାନ କଲେ ବୃଦ୍ଧି ପାଏ ଧନସମ୍ପତ୍ତି

ଧନସମ୍ପତ୍ତିକୁ ଭଗବାନଙ୍କ କୃପା ବୋଲି ଭାବି ସହଜ ଭାବରେ ଗ୍ରହଣ କରିବା ଆବଶ୍ୟକ । ତାହା ଆପଣାର ନୁହେଁ, ପ୍ରାଣୀମାତ୍ରଙ୍କେ ଏହା ଉପରେ ଅଧିକାର ରହିଛି। ଧର୍ମଶାସ୍ତ୍ରରେ କୁହାଯାଇଛି ଯେ ଉପାର୍ଜିତ ଧନକୁ ପ୍ରଥମେ ଯୋଗ୍ୟ ପାତ୍ରରେ ପ୍ରଦାନ କରିବା ପରେ ବଳକା ଅଂଶକୁ ନିଜ ସୁଖସୁବିଧା ଲାଗି ଉପଯୋଗ କରିବା ଆବଶ୍ୟକ। ଯିଏ କେବଳ ନିଜ ପାଇଁ ଧନ ଉପାର୍ଜନ କରିଥାଏ, ଖାଇଥାଏ ସେ ପାପ କରିଥାଏ। ଧନର ତିନି ଗତି ବିଷୟରେ ଶାସ୍ତ୍ରରେ କୁହାଯାଇଛି- ଦାନ, ଭୋଗ ଏବଂ ନାଶ । ଧନକୁ ଯିଏ ବିଳାସବ୍ୟସନର ସାଧନ ବୋଲି ଗ୍ରହଣ କରିଥାଏ, ତା'କୁ ବିପତ୍ତି ମାଡ଼ି ବସିଥାଏ। ଭୁଲ ଢଙ୍ଗରେ ଉପାର୍ଜିତ ଅଧିକ ଧନ ବିପତ୍ତିର କାରଣ ହୋଇଥାଏ। ଧନିକ ବର୍ଗଙ୍କ ମଧ୍ୟରେ ଯେଉଁ ପାପାଚାର ଏବଂ ଭ୍ରଷ୍ଟାଚାର ବଢୁଛି, ତା'ର ଗୋଟିଏ କାରଣ ହେଉଛି ଅଧର୍ମ ଉପାୟରେ ଅର୍ଜିତ ଧନ। ସେଥିପାଇଁ ସାତ୍ତ୍ୱିକ ସାଧନରେ ଅର୍ଜିତ ଧନର କିଛି ଅଂଶ ଦାନ ସେବା ପରୋପକାରରେ ବିନିଯୋଗ କରିବା ଆବଶ୍ୟକ। ଦାନ, ସଦାଚାର ଏବଂ ତ୍ୟାଗବୃତ୍ତିର କାରଣରୁ ଧନର ପବିତ୍ରତା ବଜାୟ ରହିଥାଏ। ଆମ ପାଖରେ ଯେଉଁ ଧନ ରହିଛି ତାହା ଭଗବାନଙ୍କର । ଯେଉଁଠି ଦୁଃଖ, ଅଭାବ ଦେଖାଦେଉଛି, ସେଠାରେ ଆଗକୁ ଆସି ଧନ ଅର୍ପଣ କରାଯିବା ଆବଶ୍ୟକ। ଧନ ଭଗବାନଙ୍କର ହୋଇଥିବାରୁ, ଏହା ସେମାନଙ୍କର ପୁଣ୍ୟ ପ୍ରସାଦ ଅଟେ। ତାହାକୁ ପ୍ରସାଦ ଭଳି ଗ୍ରହଣ କରିବା ଏବଂ ବାଣ୍ଟିବା ଉଚିତ୍ ।





# ସଫଳ ହୁଏ ବିଦ୍ୱାନ ବ୍ୟକ୍ତି



ପିତାମହ ଭୀଷ୍ମ ମୃତ୍ୟୁ ପୂର୍ବରୁ ପାଣ୍ଡୁପୁତ୍ର ଯୁଧିଷ୍ଠିରଙ୍କୁ ଅନେକ ନୀତିଶିକ୍ଷା ଦେଇଥିଲେ । ଯାହା ମହାଭାରତର ଶାନ୍ତି ପର୍ବରେ ଉଲ୍ଲେଖ ରହିଛି । ଏଥିରେ ତିନି ଜଣ ଏପରି ଲୋକଙ୍କ କଥା କୁହାଯାଇଛି, ଯେଉଁମାନେ କୌଣସି ଜଟିଳ ପରିସ୍ଥିତିକୁ ସରଳତାର ସହ ମୁକାବିଲା କରିପାରିବେ । ଏହି ତିନି ଜଣ ବ୍ୟକ୍ତି ହେଲେ ବୁଦ୍ଧିମାନ, ବିଦ୍ୱାନ ଏବଂ ନୀତିଶାସ୍ତ୍ରରେ ନିପୁଣ । ଏହି ତିନି ଜଣ ବ୍ୟକ୍ତି ଜୀବନରେ ଆସୁଥିବା କୌଣସି ପ୍ରକାରର ବିପତ୍ତିକୁ ସହ୍ୟ କରିପାରିବେ । ଥରେ ପାଣ୍ଡବମାନେ ବନବାସ ଯାଇଥିବା ସମୟରେ ଧର୍ମରାଜ ଯମ ନିଜ ପୁତ୍ର ଯୁଧିଷ୍ଠିରଙ୍କ ପରୀକ୍ଷା ନେବାକୁ ଚାହିଁଲେ । ତେଣୁ ସେ ଯକ୍ଷ ରୂପ ଧାରଣ କଲେ । ଜଣ ଜଣ କରି ସମସ୍ତ ପାଣ୍ଡବଙ୍କୁ ଏକ ସରୋବର ନିକଟକୁ ଅପହରଣ କରିନେଇ ଅଦୃଶ୍ୟ କରିଦେଲେ। ଶେଷରେ ଯୁଧିଷ୍ଠିର ଆସିଲେ । ସେ ଆସି ପହଞ୍ଚି ଦେଖିଲେ ଯେ ତାଙ୍କ ୪ ଭାଇଙ୍କ ମୃତଦେହ ପୋଖରୀ କୂଳରେ ପଡ଼ିଛି । ଯୁଧିଷ୍ଠିର ଯକ୍ଷଙ୍କ ସହ ଆଲୋଚନା କଲେ। ଯକ୍ଷ ତାଙ୍କୁ କେତେକ ପ୍ରଶ୍ନ ପଚାରିଲେ। ସବୁ ପ୍ରଶ୍ନର ଉତ୍ତର ଦେଇସାରିବା ପରେ ଯୁଧିଷ୍ଠିର ନିଜ ଭାଇମାନଙ୍କୁ ଜୀବିତ କରିଦେବା ଲାଗି ଅନୁରୋଧ କଲେ। ଧର୍ମରାଜ କହିଲେ, ମୁଁ ତୁମର ଗୋଟିଏ ଭାଇଙ୍କୁ ଜୀବିତ କରିଦେଇପାରେ । ଯୁଧିଷ୍ଠିର କହିଲେ, ତା'ହେଲେ ନକୁଳ କିମ୍ବା ସହଦେବଙ୍କ ମଧ୍ୟରୁ ଜଣକୁ କାହାକୁ ଜୀବିତ କରିଦିଅନ୍ତୁ । କାରଣ ଭୀମ ଏବଂ ଅର୍ଜୁନ ମାତା କୁନ୍ତୀଙ୍କ ପୁତ୍ର। ନକୁଳ ଏବଂ ସହଦେବ ମାତା ମାଦ୍ରୀଙ୍କ ପୁତ୍ର । ମୁଁ କୁନ୍ତୀ ମାତାଙ୍କ ଜଣେ ପୁତ୍ର ଭାବେ ଜୀବିତ ଅଛି, ତେଣୁ ଆପଣ ମାଦ୍ରୀଙ୍କ ପୁତ୍ରଙ୍କୁ ଜୀବିତ କରିଦିଅନ୍ତୁ । ଯୁଧିଷ୍ଠିରଙ୍କ ଏହି ବୁଦ୍ଧିମାନ ଭର ବାଣୀ ଶୁଣି ଯକ୍ଷ ତାଙ୍କର ସବୁ ଭାଇଙ୍କୁ ମୁକ୍ତ କରିଦେଇଥିଲେ । ଦୁର୍ଯ୍ୟୋଧନ ଜନ୍ମ ନେବା ସମୟରେ ଚତୁର୍ଦ୍ଦିଗରେ ବିଭିନ୍ନ ଅଘଟଣ ଘଟିବାକୁ ଲାଗିଲେ । ବିଲୁଆ ରୋଦନ କରିବାକୁ ଲାଗିଲା । ମହାମନ୍ତ୍ରୀ ବିଦୁର ମହାବିଦ୍ୱାନ ତଥା ଶାସ୍ତ୍ରଜ୍ଞାନୀ ଥିଲେ । ତେଣୁ ଦୁର୍ଯ୍ୟୋଧନ ଭଳି ଏକ ଅଶୁଭ ପୁତ୍ରକୁ ତ୍ୟାଗ କରିବା ଲାଗି ସେ ରାଜା ଧୃତରାଷ୍ଟ୍ରଙ୍କୁ ପରାମର୍ଶ ଦେଇଥିଲେ । କିନ୍ତୁ ପୁତ୍ର ମୋହରେ ଧୃତରାଷ୍ଟ ନୀତିଜ୍ଞ ବିଦୁରଙ୍କ କଥା ମାନିଲେ ନାହିଁ । ଏହି କାରଣରୁ କୁରୁବଂଶ ଧ୍ୱଂସ ହୋଇଗଲା। ପାଣ୍ଡବମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ବିଦ୍ୱାନଙ୍କ ଶରଣରେ ଥିଲେ । ଭଗବାନ ଯେଉଁସ୍ଥାନରେ ଥିଲେ ସେଠାରେ ଧର୍ମ ରହିଥିଲା। ଆଜୀବନ ପାଣ୍ଡବମାନେ କୌଣସି ସଂକଟରେ ପଡୁଥିଲେ, ଶ୍ରୀକୃଷ୍ଣ ସେମାନଙ୍କର ସହାୟତା କରିଥିଲେ । କୃଷ୍ଣଙ୍କ ମାର୍ଗଦର୍ଶନ ପାଇ ପାଣ୍ଡବମାନେ ମହାଭାରତ ଭଳି ମହାଯୁଦ୍ଧରେ ବିଜୟୀ ହୋଇଥିଲେ । ତେଣୁ ବିଦ୍ୱାନ ବ୍ୟକ୍ତି ଜୀବନର ସମସ୍ତ କାର୍ଯ୍ୟରେ ସଫଳତା ଲାଭ କରିଥାଏ

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

# ୨୪୮ ଅଭିଯୋଗର ଶୁଣାଣି




**ଭୁବନେଶ୍ୱର,୨୯।୭ (ମହାଭାରତ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ, ଗୋଡ଼ିପଡା ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପୁଲିସ ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଭାରପ୍ରାପ୍ତ ଜିଲ୍ଲାପାଳ, ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସାଗରୀକା ନାଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଖୋର୍ଦ୍ଧା ପଂଚାୟତ ସମିତି ଉପାଧକ୍ଷ ପ୍ରକାଶ ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ତହସିଲଦାର ବିଭାଷ ପାଣିଗ୍ରାହୀ, ବି ଡି ଓ କ୍ଷିରାବ୍ଧି ତନୟା ସାହୁ ମଞ୍ଚାସିନ ଥିଲେ। ଅଭିଯୋଗ ଶୁଣାଣି ଶିବିରକୁ ମୋଟ ୨୪୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୨୩୬ ଗୋଟି ଅଭିଯୋଗ ବ୍ୟକ୍ତିଗତ ଏବଂ ୧୨ ଗୋଟି ଅଭିଯୋଗ ଗ୍ରାମୀଣ ସମସ୍ୟାଜନିତ ଥିଲା। ସମସ୍ତ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇ ୪ ଗୋଟି ଅଭିଯୋଗର ଅଭିଯୋଗ ସ୍ଥଳରେ ସମାଧାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗୋଡିପଡା ଗ୍ରାମପଂଚାୟତର ଗୁରୁତର ଅସୁସ୍ଥ ଥିବା ଅନ୍ତୁ ମାଝୀଙ୍କ ସ୍ୱାମୀ ମହେନ୍ଦ୍ର ମାଝୀଙ୍କ ଚିକିତ୍ସା ନିମନ୍ତେ ଅନ୍ତୁ ମାଝୀଙ୍କ ଦରଖାସ୍ତକୁ ବିଚାର କରାଯାଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ପରେ ଜିଲ୍ଲାପାଳ ଓ ପ୍ରାଶାସନିକ ଅଧିକାରୀ ବୃନ୍ଦ ସରକାରଙ୍କର ବିଭିନ୍ନ ଅଗ୍ରଣୀ ଜନକଲ୍ୟାଣ ଯୋଜନାର ଷ୍ଟଲ ବୁଲି ଦେଖିଥିଲେ କ୍ଷଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର, ଆସିଷ୍ଟାଂଟ କଲେକ୍ଟର ଭୁବନେଶ୍ୱରୀ କଅଁର,ଅଧିକ୍ଷଣ ଯନ୍ତ୍ରୀ, ପୂର୍ତ୍ତ, ଖୋର୍ଦ୍ଧା, ଇଂ ଶିବ ଲାଲ ସାହୁ, ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ରଶ୍ମିତା ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ , ଜିଲ୍ଲା ପଂଚାୟତ ଅଧିକାରୀ ଶ୍ୟାମଲେନ୍ଦୁ ନାୟକ , ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣିଶ୍ରି ପଟ୍ଟନାୟକ,ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ , ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂସୁ ଦାଶ , ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଂଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ପିଜିଟି ଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୯।୭ (ମହାଭାରତ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇତିହାସ ଓ ଇଂରାଜୀ ବିଷୟର ସ୍ନାତକୋତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ପାଇଁ ୫ ଦିନିଆ ପ୍ରଶିକ୍ଷଣ ଶିରିପୁରସ୍ଥିତ ଇମେଜ୍ ଠାରେ ଆୟୋଜିତ କରାଯାଇଛି। ଏହି ପ୍ରଶିକ୍ଷଣରେ ୧୦୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ମାଳି, ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଶ୍ରୀମତୀ ଜୁଲି ମଙ୍ଗରାଜ ଓ ଉପ-ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

ଉଦଘାଟନୀ ଅଧିବେଶନରେ ଯୋଗ ଦେଇ ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ନନ୍ଦ କହିଛନ୍ତି, ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସେମାନଙ୍କର ଚରିତ୍ର ଗଠନ ନିମନ୍ତେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନମ୍ର ହେବାକୁ ପଡ଼ିବ। ଛାତ୍ରଛାତ୍ରୀମାନଙ୍କର ମାନସିକ ଚାପକୁ ହ୍ରାସ କରିବା ପାଇଁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଶିକ୍ଷା ପ୍ରଦାନ କରିବା ସହ ଅଭିଭାବକମାନଙ୍କୁ ମଧ୍ୟ ସଚେତନ କରାଇବାର ଆବଶ୍ୟକତା ରହିଛି। ଏଥିସହ ଏକବିଂଶ ଶତାବ୍ଦୀର ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାତୀୟ ଶିକ୍ଷା ନୀତିରେ ଥିବା ଧନ୍ଦାମୂଳକ, ବୈଷୟିକ, ଦକ୍ଷତା ବିକାଶ ଓ ଡିଜିଟାଲ୍ ଶିକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଶ୍ରୀମତୀ ନନ୍ଦ ଗୁରୁତ୍ୱ ଦେଇଥିଲେ। ସେହିପରି ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସସ୍ମିତା ମାଳି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ତାଲିମ୍ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଯୁଗ୍ମ ନିର୍ଦ୍ଦେଶିକା ଶ୍ରୀମତୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପିଜିଟିମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ।

# ଜମିକିଣାକୁ ନେଇ ଠକେଇର ଶିକାର ହେଲେ ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୨୯।୭ (ମହାଭାରତ):** ଜମିକିଣାକୁ ନେଇ ଠକେଇର ଶିକାର ହେବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ବଣଶୀଙ୍ଗ ଅଂଚଳର ଜଣେ ବ୍ୟକ୍ତିଙ୍କୁ ଜମି ପାଇଁ ଅଗ୍ରୀମ ୨୫ ଲକ୍ଷ ଦେଇଥିଲେ ମାତ୍ର ଉକ୍ତ ବ୍ୟକ୍ତି କୌଣସି କାରଣରୁ ଜମି ଦେଇ ପାରିନଥିଲେ। ତେବେ ଟଙ୍କା ଫେରାଇବାକୁ କହିବାରୁ ବ୍ଲାଙ୍କ ଚେକ୍ ଦେଇଥିଲେ। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ଅନ୍ୟପକ୍ଷରେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର ହେବାକୁ ନେଇ ତେଜିଛି ରାଜନୀତି। ଘଟଣାକୁ ନେଇ ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଗଣମାଧ୍ୟମରେ ଏହା ପ୍ରକାଶିତ ହୋଇଛି। ଯାହାକି ଦର୍ଶାଉଛି ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ନାରୀ ନିର୍ଯାତନା ବଢି ବଢି ଚାଲିଛି, ଅପରାଧ ବଢୁଛି ଆଉ ଏବେ ଯୋଗାଣ ମନ୍ତ୍ରୀ ଠକେଇର ଶିକାର। ବିଧାନସଭା ମୌସୁମୀ ଅଧିବେଶନକୁ ସେଥିପାଇଁ ବିଳମ୍ବ କରୁଛନ୍ତି ସରକାର। ମୌସୁମୀ ଅଧିବେଶନ କଣ ଶୀତ ଦିନେ ଡାକିବେ କହି ସରକାରକୁ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ଉପ ନେତା ପ୍ରସନ୍ନ ଆଚାର୍ଯ୍ୟ।

ସେପଟେ ଯୋଗାଣ ମନ୍ତ୍ରୀଙ୍କ ଉତର ହେଲା ଏହା ପୁରୁଣା ଘଟଣା। ୪ - ୫ ବର୍ଷ ତଳର ଘଟଣା। ତା ଭିତରକୁ କାହିଁକି ଯିବା। ବ୍ୟକ୍ତିଗତ କଥା। ଜାଗା କିଣିବା ପାଇଁ ପଇସା ଦିଆଯାଇଥିଲା। ଫେରେଇବେ ଫେରେଇବେ ବୋଲି କହି ଫେରାଇ ନାହାଁନ୍ତି। ଗୋଟିଏ କମ୍ପାନୀରେ ମୁଁ ନିର୍ଦ୍ଦେଶକ ଥିବା ସମୟରେ ଜାଗା କିଣିବାକୁ ଟଙ୍କା ଦେଇଥିଲି। ପୋଲିସ ତଦନ୍ତ କରିବ। ବିରୋଧୀ କାହିଁକି ବ୍ୟସ୍ତ ହେଉଛନ୍ତି। ଆଇନ୍ ଶୃଙ୍ଖଳା ଠିକ୍ ରହିଛି। ନାରୀ ନିର୍ଯାତନା ଘଟଣାରେ ଛାତ୍ର କଂଗ୍ରେସ ସଭାପତି ବିଜେଡ଼ି କର୍ପୋରେଟର ଗିରଫ ହୋଇଛନ୍ତି। ଠିକ୍ ସମୟରେ ବିଧାନସଭା ଅଧିବେଶନ ଡାକିବେ ସରକାର ବୋଲି କହିଛନ୍ତି ମନ୍ତ୍ରୀ।

# ସରକାରର ଅଭିମୁଖ୍ୟ ଦେଖି ମାଁ ଓ ଭଉଣୀଙ୍କ ଆତ୍ମବିଶ୍ୱାସ ବଢ଼ିଛି

**ଭୁବନେଶ୍ୱର,୨୯।୭ (ମହାଭାରତ):** ବିଜେପି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ସରକାର, ମହିଳାମାନଙ୍କ ପାଇଁ ସମର୍ପିତ ସରକାର। ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶକ୍ତ, ତ୍ୱରିତ ଏବଂ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ବିଜେପି ସରକାରର କଡା ଅଭିମୁଖ୍ୟ ଦେଖି ରାଜ୍ୟର ମାଁ ଓ ଭଉଣୀଙ୍କ ଆତ୍ମବିଶ୍ୱାସ ବଢ଼ିଛି । ଲୋକଙ୍କ ସରକାର, ବିଜେପି ସରକାର ପାଖକୁ ଯାଇ ନିର୍ଭୟରେ ଅଭିଯୋଗ କରିପାରୁଛନ୍ତି ଏବଂ ଅପରାଧୀ ଦଣ୍ଡିତ ହେଉଛନ୍ତି। ଅନ୍ୟ ପଟେ ଅପରାଧୀମାନେ ଆତଙ୍କିତ ଓ ଭୟଭୀତ ହୋଇ ପଡିଛନ୍ତି । ବିଜେଡି ଶାସନ କାଳରେ ପୀଡିତାମାନେ ଅଭିଯୋଗ କରିବାକୁ ଭୟ କରୁଥିଲେ। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତାଙ୍କ ଅଭିଯୋଗ ଶୁଣିବାକୁ ସରକାରଙ୍କ ଆଗ୍ରହ ନଥିଲା କି ସମୟ ମଧ୍ୟ ନଥିଲା । ସେହି କାରଣରୁ ଅନେକ ପୀଡିତା ଜୀବନ ହରାଇଥିଲେ। ରାଜ୍ୟର ମାଁ ଓ ଭଉଣୀମାନଙ୍କୁ ନ୍ୟାୟ ଓ ସମ୍ମାନ ଦେବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଜେପି ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ କହିଛନ୍ତି।




ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୁଶ୍ରୀ ଓରାମ କହିଛନ୍ତି ଯେ, ଗତ କିଛି ଦିନ ଧରି ଉଭୟ କଂଗ୍ରେସ ଏବଂ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ, ଧାରଣା, ବିକ୍ଷୋଭ, କ୍ୟାଣ୍ଡେଲ ଶୋଭାଯାତ୍ରା, ଦୀପ ଦାନ, ଲୋକସେବା ଭବନ ଘେରାଓ, ଓଡିଶା ବନ୍ଦ କରିବାର ରାଜନୈତିକ ସୁଆଙ୍ଗ କରୁଥିବାର ଆମେ ସମସ୍ତେ ଦେଖୁଛୁ । ଓଡିଶା ବନ୍ଦ କାରଣରୁ ପ୍ରାୟ ୧୫୦୦ କୋଟି ଟଙ୍କାର କ୍ଷତି ହୋଇଥିବାର ମଧ୍ୟ ଆମେ ସମସ୍ତେ ଜାଣିଛୁ। ଏହା ପ୍ରକୃତରେ ମହିଳା ସୁରକ୍ଷା ପ୍ରସଙ୍ଗ ପାଇଁ ନଥିଲା, ବରଂ ନିଜ ରାଜନୈତିକ ସ୍ୱାର୍ଥ, ଅସ୍ତିତ୍ୱର ରକ୍ଷା ଏବଂ ଗଣମାଧ୍ୟମରେ ଚର୍ଚ୍ଚାରେ ରହିବା ପାଇଁ ଉଭୟ କଂଗ୍ରେସ ଓ ବିଜେଡି ନେତାମାନେ କରୁଥିଲେ । ନିଜ ଅତୀତର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୁରେଇ ରଖିବା ପାଇଁ ଉଭୟ ଦଳ ପ୍ରୟାସ କରିଥିଲେ। ଦଳମତ ନିର୍ବିଶେଷରେ ଯଦି ମହିଳା ନ୍ୟାୟ ପାଇଁ ଉଭୟ ଦଳ ଲଢେଇ କରୁଛନ୍ତି, ତାହେଲେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ରାଜରାସ୍ତାରେ ଓହ୍ଲାଉ ନାହାନ୍ତି କାହିଁକି, ଉଭୟ ଦଳର ମୁଖିଆ ନୀରବ କାହିଁକି ? କଂଗ୍ରେସ ଦଳକୁ ୪୦ ବର୍ଷ ଏବଂ ବିଜେଡିକୁ ନିରନ୍ତର ଭାବେ ୨୪ ବର୍ଷ ଶାସନ କ୍ଷମତାର ଡୋରୀ ଦେଲେ ସତ, କିନ୍ତୁ ଉଭୟ ଦଳର ନେତାମାନେ ଅନେକ ମହିଳା ଦୁଷ୍କର୍ମ ମାମଲାରେ ପ୍ରତ୍ୟକ୍ଷ ସଂପୃକ୍ତ ରହିଲେ ଏବଂ ତାଙ୍କ ଦଳର ମୁଖିଆମାନେ ନୀରବଦ୍ରଷ୍ଟା ସାଜି ଅପରାଧୀମାନଙ୍କୁ ଘଂଟ ଘୋଡାଇ ସୁରକ୍ଷା ଦେଲେ।

# ଚରିତ୍ର ଗଠନ ନିମନ୍ତେ ଯୁବ ସମ୍ମିଳନୀ



**କଟକ,୨୯।୭ (ମହାଭାରତ):** ରାମକୃଷ୍ଣ ମିଶନ, କଟକ ଆଶ୍ରମ ପରିସରରେ ମିଶନ୍ ତରଫରୁ ବାର୍ଷିକ ଯୁବ ସମ୍ମଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଆଲୋଚ୍ୟ ବିଷୟ ବସ୍ତୁ ଥିଲା - ଚରିତ୍ର ଗଠନ। ଏହି ଅବସରରେ ମିଶନର ମୁଖ୍ୟ ସ୍ୱାମୀ ଅକିଞ୍ଚନାନନ୍ଦ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶିଷ୍ଟ ଲେଖକ ପ୍ରଫେସର ତତ୍ୱକନ୍ଦର ମିଶ୍ର, ଓଡିଶା ସରକାରଙ୍କ ଗୋପବନ୍ଧୁ ପ୍ରଶାସନ ଏକାଡେମୀର ସିଜିଜିଓ ବିଭାଗର ମୁଖ୍ୟ ଶଶାଙ୍କ ଗ୍ରହାଚାର୍ଯ୍ୟ, ଅବସରପ୍ରାପ୍ତ ଅଧ୍ୟାପିକା ପ୍ରଫେସର ପ୍ରଭାତୀ ମିତ୍ର ଆଦି ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନଙ୍କ ସହିତ ଆଇନଜୀବୀ ସୁବାଷ ଚନ୍ଦ୍ର ପ୍ରଧାନ, ଓମ୍ ପ୍ରକାଶ ପଣ୍ଡା ତଥା ୧୩ ଜଣ ଛାତ୍ରଛାତ୍ରୀ ଆଲୋଚ୍ୟ ବିଷୟ ଉପରେ ମତ ରଖିଥିଲେ। ଏହି ଯୁବ ସମ୍ମେଳନୀରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଓ ଯୁବକ ମାନେ ଯୋଗ ଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହୋଇଥିଲେ। ସର୍ବଶେଷରେ ମିଶନର ଅନ୍ୟତମ ସାଧୁ ସ୍ୱାମୀ ଜୀବନ୍ନାଥନନ୍ଦଜୀ ମହାରାଜ ସମ୍ମଳନୀକୁ ପରିଚଳନା କରିଥିବା ସହିତ ସମସ୍ତ ଛାତ୍ର ଛାତ୍ରୀ ଓ ଅଭିଭାବକଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ।

# ଚାଷୀ ପଞ୍ଜିକରଣ ଅବଧି ବୃଦ୍ଧି କରାଯାଉ : କଂଗ୍ରେସ

**ଭୁବନେଶ୍ୱର,୨୯।୭ (ମହାଭାରତ):** ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରୀୟ ଥିବାରୁ ଚାଷୀ ଚାଷ କାର୍ଯ୍ୟରେ ସମ୍ପୁର୍ଣ୍ଣ ବ୍ୟସ୍ତ। ଖରିଫ୍ ଅମଳ ଧାନକୁ ମଣ୍ଡିରେ ଦେବାକୁ ଟୋକନ ପାଇଁ ଇ-କେଓ୍ୱାଇସି କରିବାକୁ ବାଧ ବୋଲି ସରକାର ଘୋଷଣା କରିଛନ୍ତି। ଏହି ବ୍ୟବସ୍ଥାରେ ଏବେ ଚାଷୀ ଘୋର ଆଶଙ୍କାରେ। କାରଣ ସୋସାଇଟିଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ଠିକ୍ ଭାବରେ ଚାଲୁନାହିଁ। ଅଧିକାଂଶ ସମୟରେ ଇଂଟରନେଟରେ ଲିଙ୍କ ରହୁନାହିଁ। ଏହାଦ୍ୱାରା ଚାଷୀ ପଞ୍ଜିକରଣ ଧିମେଇ ଚାଲିଛି। ସବୁସ୍ଥାନରେ କର୍ମଚାରୀର ଅଭାବ। ଚାଷୀ ବିଭିନ୍ନ ମୌଜାରେ ଥିବା ଅଲଗା ଅଲଗା ସୋସାଇଟକୁ ଯାଇ ତା'ର ଧାନ ବିକିବାପାଇଁ ଇ-କେଓ୍ୱାଇସି କରିବା କଷ୍ଟ। ସରକାର ଚଳିତବର୍ଷ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ନିୟମକୁ ବଦଳାଇ ପୂର୍ବବର୍ଷ ତୁଳନାରେ ଅଧିକ ଦସ୍ତାବିଜ୍ ମଗାଉଛନ୍ତି। ବିଶେଷ କରି ଇ-କେଓ୍ୱାଇସି ଦାଖଲ ବେଳକୁ ଜଟିଳ ସମସ୍ୟା ସୃଷ୍ଟି ହେଉଛି। ବର୍ତ୍ତମାନ ପଟା ସଂଶୋଧନ କରିବା ଚାଷୀଙ୍କ ପାଇଁ ଏବେ କାଠିକର ପାଠ। ଅଧିକାଂଶ ଜମିର ପଟା ମୃତ ବ୍ୟକ୍ତିଙ୍କ ନାମରେ ଥିବାରୁ ଏହାର ସତ୍ୱାଧିକାରୀଙ୍କ ପ୍ରମାଣପତ୍ର ସଂଗ୍ରହ କରିବାରେ ବିଳମ୍ବ ହେଉଛି। ପରିବାରର ଅନ୍ୟ ସଦସ୍ୟଙ୍କୁ ଏକାଠି କରି ଆର.ଆଇ. ଅନୁମୋଦନ ରିପୋର୍ଟ ଆଣିବା କଷ୍ଟ। ଭୂଲେଖ ରେକର୍ଡ ଅପଲୋଡ଼ କରିବାରେ ବହୁ ଅସୁବିଧା। ଯାହା ଫଳରେ ଅଦ୍ୟାବଧି ଲକ୍ଷ ଲକ୍ଷ ଚାଷୀ ଖରିଫ୍ ଧାନ ବିକିବାକୁ ସେମାନଙ୍କ ନାମ ପଞ୍ଜିକରଣ କରି ପାରୁନାହାନ୍ତି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଏକ ପ୍ରେସ ଇସ୍ତାହାରରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଭାଗଚାଷୀଙ୍କ ପକ୍ଷେ ଜମି ମାଲିକଙ୍କଠାରୁ ସମ୍ମତି ପାଇବାରେ ଅହେତୁକ ଅସୁବିଧା ସୃଷ୍ଟି ହେଉଛି। ସେପଟେ ଜୁଲାଇ ୧୯ରୁ ଅଗଷ୍ଟ ୨୦ ଶେଷ ତାରିଖ। ଏଥିଯୋଗୁଁ ଚାଷୀ ବହୁ ଦୁଶ୍ଚିନ୍ତାରେ ରହିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଦୋପାଖିଆ ବୟାନ ଚାଷୀଙ୍କ ମନରେ ଅନେକ ସନ୍ଦେହ ସୃଷ୍ଟି କରୁଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କ୍ୱିଂଟାଲରେ ଚାଷୀଙ୍କୁ ୮ଶହ ଟଙ୍କା ଇନପୁଟ୍ ସହାୟତା ନ ଦେବା ପାଇଁ ଚତୁରତାର ସହିତ ବିଭିନ୍ନ ଆଳ ଦେଖାଇ ଖରିଫ୍ ଧାନ କମ୍ କିଣିବେ ବୋଲି ପ୍ରୟାସ କରାଯାଉଛି। ତେଣୁ ଏହି ସମସ୍ୟାକୁ ଉପଲବ୍ଧି କରି କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ବିଭିନ୍ନ ଜିଲ୍ଲାର ଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଅଭିଯୋଗ ଜାଣିବା ପରେ ଏହାର ଆଶୁ ନିରାକରଣ ଓ ଖରିଫ୍ ଧାନ କ୍ରୟ ଚାଷୀ ପଞ୍ଜିକରଣ ସମୟସୀମା ଅଗଷ୍ଟ ୨୦ ପରିବର୍ତ୍ତେ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ଏବଂ ଧାନ କ୍ରୟ ପାଇଁ ନାମ ପଞ୍ଜିରଣ ବ୍ୟବସ୍ଥାର ସରଳୀକରଣ, ଆବଶ୍ୟକ ସ୍ଥଳେ କେବଳ ଆଧାର କାର୍ଡ଼ ମାଧ୍ୟମରେ ଚଳିତ ବର୍ଷ ନାମ ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କ ନିକଟରେ ଦାବୀ କରିଛନ୍ତି।

# ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ପୋଲିସ ବୁଥ୍ ସ୍ଥାପନ

**ଭୁବନେଶ୍ୱର,୨୯।୭ (ମହାଭାରତ):** ସଡ଼କ ସୁରକ୍ଷା ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଅଂଶ ଭାବରେ ଭାରତର ସର୍ବବୃହତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ, ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭୁବନେଶ୍ୱରର କେତେକ ସର୍ବାଧିକ ବ୍ୟସ୍ତବହୁଳ ଜଙ୍କ୍ସନଗୁଡିକରେ ଚାରିଟି ପୂର୍ଣ୍ଣ ସୁସଜ୍ଜିତ ପୋଲିସ ବୁଥ୍ ସ୍ଥାପନ କରି ଭୁବନେଶ୍ୱର ଟ୍ରାଫିକ ପୋଲିସକୁ ନିଜର ସମର୍ଥନ ଯୋଗାଇ ଦେଇଛି। ବ୍ୟାଙ୍କର ସିଏସ୍ଆର କାର୍ଯ୍ୟକ୍ରମ ଅଧୀନରେ ହାତକୁ ନିଆଯାଇଥିବା ବେଳେ ଏହାଦ୍ୱାରା ଟ୍ରାଫିକ ପରିଚାଳନାରେ ଉନ୍ନତି, ବାସ୍ତବ କ୍ଷେତ୍ରରେ ଟ୍ରାଫିକ ନିୟମର ପ୍ରବର୍ତ୍ତନ ଏବଂ ଜନସାଧାରଣଙ୍କ ନିମନ୍ତେ ନିରାପଦ ଗମନା ଗମନ ଅନୁଭୂତିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆକରି ଉଦ୍‌ଘାଟିତ ବୁଥ୍‌ଗୁଡ଼ିକ ପ୍ରତିଦିନ ବିପୁଳ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା କେଶୁରା ଛକ, ଗ୍ୟାରେଜ ଛକ, ପଳାଶୁଣି ଏବଂ ରାଜମହଲ ଛକରେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ। ପ୍ରତ୍ୟେକ ବୁଥ୍‌ରେ ବସିବା ବ୍ୟବସ୍ଥା, ପଙ୍ଖା ଏବଂ ମାଇକ ବ୍ୟବସ୍ଥା ଭଳି ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଇଛି।

# ଆଲୋକ ତ୍ରିପାଠୀ ଖୋର୍ଦ୍ଧା ରେଳମଣ୍ଡଳର ମଣ୍ଡଳ ଡିଆରଏମ



**ଭୁବନେଶ୍ୱର,୨୯।୭ (ମହାଭାରତ):** ୧୯୯୮ ବ୍ୟାଚର ଭାରତୀୟ ରେଳବାଇ ଟ୍ରାଫିକ୍ ସେବାର ବରିଷ୍ଠ ଅଧିକାରୀ ଆଲୋକ ତ୍ରିପାଠୀ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ନୂତନ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଡିଆରଏମ) ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଚ୍.ଏସ୍. ବାଜୱାଙ୍କଠାରୁ ଶ୍ରୀ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ନୂତନ ନିଯୁକ୍ତି ପୂର୍ବରୁ, ଶ୍ରୀ ତ୍ରିପାଠୀ ନୂଆଦିଲ୍ଲୀର ରେଳବାଇ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଫ୍ରେଟ ମାର୍କେଟିଂ) ଭାବରେ କାର୍ଯ୍ୟ କରୁଥିଲେ । ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଏକ ବଳିଷ୍ଠ କ୍ୟାରିଅର ସହିତ, ସେ ଭାରତୀୟ ରେଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ବ୍ୟାପକ ପ୍ରଶାସନିକ ଏବଂ ପରିଚାଳନାଗତ ଅଭିଜ୍ଞତା ଆଣିଛନ୍ତି। ଶ୍ରୀ ତ୍ରିପାଠୀ ନ୍ୟାସନାଲ ହାଇ ସ୍ପିଡ୍ ରେଳ କର୍ପୋରେସନ ଲିମିଟେଡ୍ ରେ ଜେନେରାଲ ମ୍ୟାନେଜର ସମେତ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟରେ ଡେପୁଟେସନ୍ ରେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ଅହମ୍ମଦାବାଦରେ ସହାୟକ ଅପରେସନ୍ ମ୍ୟାନେଜର, ଭଦୋଦରାରେ ଡିଭିଜନାଲ୍ ଅପରେସନ୍ ମ୍ୟାନେଜର ଏବଂ ପଶ୍ଚିମ ରେଳବାଇରେ ଏରିଆ ମ୍ୟାନେଜର ଅନ୍ତର୍ଭୁକ୍ତ।

# ସୁସ୍ଥ ଜୀବନ ପାଇଁ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଏକାନ୍ତ କାମ୍ୟ

**ଭୁବନେଶ୍ୱର,୨୯।୭ (ମହାଭାରତ):** ସୁସ୍ଥ ଜୀବନ ଯାପନ ପାଇଁ ଆଧ୍ୟାତ୍ମିକ ତା ଏକାନ୍ତ କାମ୍ୟ ବୋଲି ଇଂ. ଗଣେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ଡାକ୍ତର କବି ପ୍ରସାଦ ମିଶ୍ର ପରିଷଦର ମାସିକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ମତ ପ୍ରକାଶ କରିଥିଲେ। ଉତ୍ତମ ଜୀବନ ଶୈଳୀ ଖାଦ୍ୟ ପେୟରେ ସଂଯମତା, ଆସନ, ଧ୍ୟାନ ପ୍ରାଣାୟାମ ମାଧ୍ୟମରେ ଆମେ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ହାସଲ କରି ପାରିବା ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ରାଜବୈଦ୍ୟ ଗୋପାଳ ଚନ୍ଦ୍ର ନନ୍ଦ ଯୋଗଦାନ କରି ଅଠରବ ବେଦର କେତେକ ମନ୍ତ୍ର କିପରି ମାନବ ଶରୀରକୁ ନିରୋଗ ରଖି ପାରିବ ତାହା ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏଥିପାଇଁ ସରକାର ଅଧିକ ଆୟୁର୍ବେଦ ମହାବିଦ୍ୟାଳୟ ଖୋଲିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ଓ ବକ୍ତାଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ଅଶୋକ କୁମାର ଦାଶ, ଆଶିଷ କର, ପ୍ରଭାତ କୁମାର ପାଢ଼ୀ, ଅନୁରାଧା ଦାଶ, ସୁଶାନ୍ତ କୁମାର ସାହୁ, ପିତାମ୍ବର ରଥ, ମଧୁ ସୁଦନ ଦାଶ, ମହେଶ୍ୱର ଖିଲାର, ମିହିର କୁମାର ଜେନା, ତପନ କୁମାର କର, ଶ୍ରୀବାସ ମହାପାତ୍ର, ରିତାରାଣୀ ସାହୁ ଆଦି ଯୋଗ ଦାନକରି ଡାକ୍ତର କବି ପ୍ରସାଦ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ ମତ ଉପସ୍ଥାପନ କରି ତାଙ୍କୁ ଜଣେ ସଫଳ ଚିକିଛକ, ସୁସାହିତ୍ୟିକ, ସୁବକ୍ତା, ପ୍ରାଚୀନ ସାହିତ୍ୟର ବାଗ୍ମୀ, ବିଶିଷ୍ଟ ସମାଜସେବୀ, ପରୋପକାରୀ, ଓ ସର୍ବାଧର୍ମ ସମନ୍ୱୟର ପ୍ରତୀକ ଭାବେ ପ୍ରତିପାଦିତ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ ସହ ଡାକ୍ତର ମିଶ୍ରଙ୍କ ସହ ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିଥିଲେ, ପ୍ରହଲ୍ଲାଦ ସାହୁ ଭଜନ ଗାନ ଓ ଲଡୁକିଶୋର ପଢିଆରି ଦାସକାଠିଆ ପରିବେଷଣ କରିଥିଲେ, କୈଳାଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣକରିଥିଲେ।

# ବୟସ ବଢ଼ିବା ସହିତ ଦାନ୍ତ ଓ ମାଢ଼ିର ଯତ୍ନ ଅତ୍ୟାବଶ୍ୟକ: ଡା. ସୋନିଆ

**ଭୁବନେଶ୍ୱର,୨୯।୭ (ମହାଭାରତ):** ବୟସ ବଢ଼ିବା ସହିତ ଦାନ୍ତ ଓ ମାଢ଼ି ସମ୍ପର୍କିତ ସମସ୍ୟା ବଢ଼ିଥାଏ, ଯାହା ମୁଖ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଏୟ ଏହି ସମସ୍ୟାକୁ ଅଣଦେଖା କଲେ ଦୀର୍ଘକାଳୀନ ହାନି ହେବାର ସମ୍ଭାବନା ରହିଥାଏ। ଏହି ବିଷୟରେ ଜଣାଇଛନ୍ତି ଡା. ସୋନିଆ ଦତ୍ତ, MDS, PhD, ପ୍ରଫେସର, ଜନସ୍ୱାସ୍ଥ୍ୟ ଦନ୍ତଚିକିତ୍ସା।

ସେ କହିଛନ୍ତି, ବୟସ ବଢ଼ିଲେ ମାଢ଼ି ଦୁର୍ବଳ ହୁଏ, ଦାନ୍ତ ମୂଳ ବାହାରି ଆସେ, ମୁଖ ଶୁଷ୍କତା ବଢ଼ିଯାଏ, ଏବଂ ସମ୍ବେଦନଶୀଳତା ବଢ଼ିବାକୁ ଲାଗେ। ଶୁଷ୍କ ପାଟି ବୟସ୍କମାନଙ୍କ ମଧ୍ୟରେ ଏକ ସାଧାରଣ ସମସ୍ୟା, ଯାହା ପ୍ରାୟତଃ କିଛି ଔଷଧ କିମ୍ବା ରୋଗ ଯୋଗୁଁ ହୋଇଥାଏୟକିଛି ଔଷଧ ପାଇଁ ମୁଖ ସଂକ୍ରମଣ, ସ୍ୱାଦରେ ପରିବର୍ତ୍ତନ ଓ ଦାନ୍ତ କ୍ଷୟ ମଧ୍ୟ ଜଣେ ବୟସ୍କ ବ୍ୟକ୍ତିଙ୍କୁ ଅସୁବିଧାରେ ପକାଇପାରେ।

ଏହି ସମୟରେ ଆୟୁର୍ବେଦ ଆଧାରିତ ଉପାୟ ବ୍ୟବହାର କରିବା ଉପଯୁକ୍ତୟ ଡାବର ରେଡ୍ ପେଷ୍ଟ ଏକ ପ୍ରମାଣିତ ଓ IDA ଦ୍ୱାରା ସ୍ୱୀକୃତ ଉତ୍ପାଦୟଯାହା ମଧ୍ୟରେ ଥିବା ଲବଙ୍ଗ ଓ ନିମ ଭଳି ଉପାଦାନ ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।

ବୟସ୍କ ବ୍ୟକ୍ତିମାନେ ସେମାନଙ୍କ ଦାନ୍ତର ବିଶେଷ ଯତ୍ନ ନେବା ଉଚିତୟ ଡାବର ରେଡ୍ ପେଷ୍ଟ ଭଳି ବିଶ୍ୱସ୍ତ ଉତ୍ପାଦ ସହିତ ଦିନକୁ ଦୁଇଥର ବ୍ରଶ୍ କରିବାଦ୍ୱାରା ଆପଣଙ୍କ ଦାନ୍ତରୁ ଜୀବାଣୁ ଏବଂ ପ୍ଲାକ୍ ଦୂର କରିବାରେ ସାହାଯ୍ୟ କରିଥାଏ। ସମ୍ବେଦନଶୀଳ ମାଢ଼ି ପାଇଁ ଏକ ନରମ ଟୁଥବ୍ରଶ୍ ବ୍ୟବହାର କରନ୍ତୁ। ଏହା ସହିତ, ଶୁଷ୍କ ପାଟିର ସମସ୍ୟାର ସମାଧାନ ପାଇଁ ହାଇଡ୍ରେଟେଡ୍ ରୁହନ୍ତୁ। ନିୟମିତ ବ୍ୟବଧାନରେ ଦାନ୍ତକୁ ଯାଞ୍ଚ କରାଇବା, ଯାହା ଦ୍ୱାରା ଯେକୌଣସି ସମସ୍ୟାର ଯଥାଶୀଘ୍ର ଚିକିତ୍ସା କରାଯାଇପାରିବ। ଯଦି ଆପଣ କୃତ୍ରିମ ଦାନ୍ତ ବ୍ୟବହାର କରନ୍ତି, ତେବେ ସେଗୁଡ଼ିକୁ ପ୍ରତିଦିନ ସଫା କରନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେପରି ସେଗୁଡ଼ିକ ଠିକ୍ ଭାବରେ ଫିଟ୍ ହୋଇ ରହିଥିବ। ଆପଣଙ୍କ ପାଟିରେ ଯେକୌଣସି ପ୍ରକାରର ସଂକ୍ରମଣକୁ ରୋକିବା ପାଇଁ ଆପଣଙ୍କ ଦାନ୍ତର ସଠିକ୍ ଯତ୍ନ ଗୁରୁତ୍ୱପୂର୍ଣ୍ଣ।

ବୟସ ବଢ଼ିବା ସହିତ ମୁଖ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ନିୟମିତ ଯତ୍ନ ଓ ଅନୁଶାସନ ଦ୍ୱାରା ଦାନ୍ତ ଓ ମାଢ଼ିର ସ୍ୱାସ୍ଥ୍ୟକୁ ଦୀର୍ଘ ସମୟ ଧରି ସୁସ୍ଥ ରଖାଯାଇପାରିବ।

# କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ଶୁଭାରମ୍ଭ

**ଭୁବନେଶ୍ୱର,୨୯।୭ (ମହାଭାରତ):** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ("କେଏମ୍ଏଏମ୍ସି" / "କୋଟକ ମ୍ୟୁଚୁଆଲ ଫଣ୍ଡ୍") ଗତିଶୀଳତା ବିଷୟକୁ ଅନୁସରଣ କରି ଏକ ଓପନ୍-ଏଣ୍ଡେଡ ଇକ୍ୱିଟି ସ୍କିମ୍ କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହି ଫଣ୍ଡ୍ ଆଭ୍ୟନ୍ତରୀଣ ନିଜସ୍ୱ ମଡେଲରେ ପ୍ରସ୍ତୁତ ଆୟ ଗତିଶୀଳତା ରହିଥିବା ଷ୍ଟକ୍‌ଗୁଡିକୁ ଚିହ୍ନଟ କରି ସୁଯୋଗଗୁଡିକୁ ଉପଯୋଗ କରିବାକୁ ଲକ୍ଷ୍ୟ ରଖିଛି। ସ୍କିମ୍ ଜନସାଧାରଣଙ୍କ ସବ୍‌ସ୍କ୍ରିପ୍‌ସନ ନିମନ୍ତେ ୨୦୨୫ ଜୁଲାଇ ୨୯ରୁ ୨୦୨୫ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ।

ଗତିଶୀଳତା ଆଧାରିତ ପାଣ୍ଠି ନିବେଶ ସାଧାରଣତଃ ମୂଲ୍ୟ ବୃଦ୍ଧି ଘଟୁଥିବା ଷ୍ଟକଗୁଡିକ କ୍ରୟ ଭିତ୍ତିକ ହୋଇଥାଏ, ଯେଉଁଥିରେ ଏହି ଧାରା ଜାରି ରହିବା ଆଶା କରାଯାଏ। ତେବେ ଗତିଶୀଳତା କେବଳ ମୂଲ୍ୟ କ୍ଷେତ୍ରରେ ସୀମିତ ନୁହେଁ। ଆୟକାରୀ ଗତିଶୀଳତା ଊର୍ଦ୍ଧ୍ୱମୁଖୀ ହେଉଥିବା ଏବଂ ଅନୁକୂଳ ଆନାଲିଷ୍ଟ ରେଟିଂ ପ୍ରାପ୍ତ ହେଉଥିବା ଏବଂ ମଜଭୁତ ମୂଳଦୁଆ ସମର୍ଥନ ରହୁଥିବା ଷ୍ଟକଗୁଡିକ ଉପରେ ଦୃଷ୍ଟିନିବଦ୍ଧ କରିଥାଏ। କୋଟକ ଆକ୍ଟିଭ ମୋମେଣ୍ଟମ୍ ଫଣ୍ଡ୍ ଆନାଲିଷ୍ଟମାନଙ୍କର ତାଜା ତଥ୍ୟ ଅଥବା ସକାରାତ୍ମକ ଚକିତ କରିବା ଭଳି ଆୟ ଆଧାରରେ ସେୟାର ପିଛା ବର୍ଦ୍ଧିତ ଆୟ (ଇପିଏସ୍) କରୁଥିବା କମ୍ପାନୀଗୁଡିକୁ ଲକ୍ଷ୍ୟ ରଖୁଛି। ନିଜସ୍ୱ ମଡେଲ ଆୟ ଏବଂ ବିକ୍ରି କ୍ଷେତ୍ରରେ ଅଭିବୃଦ୍ଧି ସହିତ ଆନାଲିଷ୍ଟଙ୍କ ରେଟିଂକୁ ଉପଯୋଗ କରି ଗତିଶୀଳତାର ମୂଲ୍ୟାୟନ କରିଥାଏ।

# ପରସ୍ପର ଉପରେ ବିଶ୍ୱାସ

ଦେଶର ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତିଙ୍କ ପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହେଉଛନ୍ତି ସର୍ବୋଚ୍ଚ ପଦାଧିକାରୀ। ସେ ହେଉଛନ୍ତି ନ୍ୟାୟିକ ବ୍ୟବସ୍ଥାର ମୁଖ୍ୟ। ଏହି ସମ୍ବର୍ଦ୍ଧନା ସଭାରେ ପ୍ରଧାନ ବିଚରପତି କହିଥିଲେ ଯେ, ଗଣତନ୍ତ୍ରର ୩ଟି ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପକର ଗରିମା, ଗୁରୁତ୍ୱ ଏବଂ ଦାୟିତ୍ୱ ସମାନ। ତିନିଟି ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେବା ଉଚିତ। କେହି କାହାର କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। କେହି ନିଜ ଦାୟିତ୍ୱ ନିର୍ବାହରୁ ବିଚ୍ୟୁତ ହେବା ଅନୁଚିତ। ପରସ୍ପର ଉପରେ ବିଶ୍ୱାସ ରଖିବା ଉଚିତ। ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟ ଏବଂ କ୍ଷୋଭ ପଛରେ ଅନେକ କାରଣ ରହିଛି। ଗତ କିଛି ମାସ ମଧ୍ୟରେ ଅନେକ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରାଯାଇଛି, ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ କରାଯାଇଛି ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ସମ୍ଭବତଃ ସେଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା। କିନ୍ତୁ ଗଣତନ୍ତ୍ର ପରିପକ୍ୱ ଏବଂ ଜନ ସାଧାରଣ ସଚେତନ ହେବା ଫଳରେ ଏଭଳି ପ୍ରସଙ୍ଗ ସୃଷ୍ଟି ହେଉଛି। ଗତ ବର୍ଷ ଗଣେଶ ପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ଼ଙ୍କ ଘରକୁ ଯାଇଥିଲେ। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ଜଣେ ରାଜନୈତିକ ବ୍ୟକ୍ତି। ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ବା ଶାସକ ଦଳର କିଛି ନେତାଙ୍କ ବିରୋଧରେ ମାମଲା ଚାଲିଥିବା ବେଳେ ପ୍ରଧାନ ବିଚାରପତିଙ୍କ ଘରକୁ ପ୍ରଧାନମନ୍ତ୍ରୀ ଯିବା କେତେଦୂର ଯଥାର୍ଥ ସେଥିନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଅଯୋଧ୍ୟା ମାମଲାର ରାୟ ପ୍ରକାଶ ପରେ କେତେକ ବ୍ୟକ୍ତି ଏବଂ ସଙ୍ଗଠନ ସୁପ୍ରିମକୋର୍ଟଙ୍କ ନିରପେକ୍ଷତା ଉପରେ ମଦ୍ୟ ପ୍ରଶ୍ନ ଉଠାଇଥିଲେ। ନିକଟରେ ସୁପ୍ରିମକୋର୍ଟ ଏକ ମାମଲାରେ କହିଥିଲେ ଯେ, ରାଜ୍ୟ ବିଧାନସଭରେ ଗୃହୀତ ବିଲକୁ ରାଜ୍ୟପାଳ ବା ରାଷ୍ଟ୍ରପତି ଅଧିକ ଦିନ ଅଟକାଇପାରିବେନି। ଏପରିକି ରାଷ୍ଟ୍ରପତି ମଧ୍ୟ ସର୍ବାଧିକ ୩ ମାସ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନେବାକୁ ବାଧ୍ୟ ଏବଂ ଯଦି ରାଷ୍ଟ୍ରପତି ବିଲକୁ ଅଗ୍ରାହ୍ୟ କରନ୍ତି ବା ଏହାକୁ ଅନୁମୋଦନ କରିବାରେ ବିଳମ୍ବ କରନ୍ତି ତେବେ ଏହାର କାରଣ ସମ୍ପର୍କରେ ତାଙ୍କୁ ଜଣାଇବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ଉପରେ ଶାସକ ଦଳର କେତେକ ସାଂସଦ ଏପରିକି ଖୋଦ ଦେଶର ଉପରାଷ୍ଟ୍ରପତି ମଧ୍ୟ ପ୍ରଶ୍ନ ଉଠାଇଥିଲେ ଏବଂ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି କହିଥିଲେ। କାରଣ ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ। ସେ ହେଉଛନ୍ତି ଦେଶର ସାମ୍ବିଧାନିକ ମୁଖ୍ୟ। ସୁପ୍ରିମକୋର୍ଟ ଜଣେ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ ଦେଇଥିଲେ, ତାଙ୍କୁ କ୍ଷମା କରିବାର ଅଧିକାର ରାଷ୍ଟ୍ରପତିଙ୍କର ରହିଛି। ତେଣୁ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ଖୋଦ ଉପରାଷ୍ଟ୍ରପତି କହିଥିଲେ। ଏହା ପରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଏକ ପତ୍ର ଲେଖି ୧୪ଟି ପ୍ରଶ୍ନ ବା ସ୍ପଷ୍ଟିକରଣ ମାଗିଛନ୍ତି। ତାଙ୍କର କହିବା କଥା ହେଲା ରାଜ୍ୟ ବିଧାନସଭାରେ ଗୃହୀତ ବିଲ ଉପରେ ପ୍ରଶ୍ନ ଉଠାଇବା, ଏହାର ବୈଧତା ନେଇ ଯାଞ୍ଚ କରିବା ଏବଂ ଯଦି ଏହା ଅସାମ୍ବିଧାନିକ ହୋଇଥିବ ତେବେ ଏହାକୁ ଫେରାଇବା ଅଧିକାର ରାଷ୍ଟ୍ରପତିଙ୍କର ଅଛି କି ନାହିଁ। ଏକଥା ସତ୍ୟ ଯେ, ସଂସଦ ବା ବିଧାନସଭାରେ ଗୃହୀତ ବିଲକୁ ଯଥାକ୍ରମେ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ଥରେ ପୁନର୍ବିଚାର ପାଇଁ ଫେରାଇପାରିବେ। କିନ୍ତୁ ଏହାକୁ ଦ୍ୱିତୀୟ ଥର ଫେରାଇପାରିବେ ନାହିଁ। କାରଣ ଆଇନ ପ୍ରଣୟନ କରିବା ହେଉଛି ସଂସଦ ବା ବିଧାନସଭାର ଦାୟିତ୍ୱ। ବ୍ୟବସ୍ଥାପକ ସଭାର ଏହି ଅଧିକାରକୁ ନ୍ୟାୟପାଳିକା କ୍ଷୁର୍ଣ୍ଣ କରିପାରିବେ ନାହିଁ। ଏହା ଏକ ସାମ୍ବିଧାନିକ ସଙ୍କଟ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

*“ ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।*

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଧରି ତଥ୍ୟ ଚୋରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ ‘ଦାଫେଙ୍ଗ୍ କାଓ’ ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡ଼ିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଟେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା’ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ ‘ପ୍ରଗତିବାଦୀ’ ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଙ୍କୋଚତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଅଙ୍ଗନ ୱାଡ଼ି କେନ୍ଦ୍ରରେ ବଣ୍ଟନ ହେଉଛି ପୋକ ସାଲୁ ବାଲୁ ସୁଜି !



କେନ୍ଦ୍ରାପଡ଼ା, (ମହାଭାରତ) : ଓସ୍ତପୁର ପଞ୍ଚାୟତ ସାରଙ୍ଗ ଅଙ୍ଗୱାଡ଼ି କେନ୍ଦ୍ରରେ ବଣ୍ଟନ ହେଉଛି ପୋକ ସାଲୁ ବାଲୁ ସୁଜି, ଛତୁଆ ଯାହାକୁ ନେଇ ସିଧା ସଳଖ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ନିମ୍ନ ମାନର ପୋକ ସାଲୁ ବାଲୁ ସୁଜି ପାଇଥିବା ସାରଙ୍ଗ ଗାଁର ରଶ୍ମି ରଞ୍ଜନ ଚୌଧୁରୀ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ବାବା ଅଭିରାମ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ୍ ଗୁଡ଼ିକର ପ୍ରମୁଖ ଅଙ୍ଗନ୍ ୱାଡ଼ି କେନ୍ଦ୍ରକୁ ଛତୁଆ ବାଦାମ ଲଡୁ ତିଆରି କରି ବଣ୍ଟନ କରାଯାଏ । ସେହି ଏଜେନ୍ସି ନାମରେ ଅଭିଯୋଗ ଆଣିଛନ୍ତି ଗ୍ରାମବାସି।

## ଆର୍ ଆଣ୍ଡ ବି ବିଭାଗ ସହକାରୀ ଯନ୍ତ୍ରୀ ଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



ଗଣିଆ, (ମହାଭାରତ): ରଜ୍ୟ ସରକାର ଙ୍କ ଆର୍ ଆଣ୍ଡ ବି ବିଭାଗ ଅଧିନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ରାଜ କିଶୋର ଜେନାଙ୍କ ନିଜ ଜନ୍ମ ବାସଭବନ ଜଗନ୍ନାଥ ପ୍ରାସାଦ ଠାରେ ମଙ୍ଗଳବାର ଦିନ ପୂର୍ବାହ୍ନ ସମୟରେ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମର ଚଢ଼ାଉ କରାଯାଇଥିଲା । ଭିଜିଲାନ୍ସ ବିଭାଗ ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଅନ୍ତର୍ଗତ ଆଡକଟା ପଞ୍ଚାୟତ ର ନିଜ ପୈତୃକ ଜଗନାଥ ପ୍ରସାଦ ଘରେ ଛନଭିନ୍ କରିଥିଲା ।ରାଜକିଶୋର ଭୁବନେଶ୍ୱର ସ୍ଥିତ ଆର୍ ଆଣ୍ଡ ବି ଡ଼ିଭିଜନ ୩ ରେ କାର୍ଯ୍ୟରତ ଥିଲେ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ସନ୍ଧାନ ପାଇ ବିଭାଗ ପକ୍ଷରୁ ଦୀର୍ଘ ସମୟ ଧରି ଏକ ଚାରି ଜଣିଆ ଟିମ ଖୋଲତାଡ଼ କରିଥଲେ । ତାଙ୍କର ଅନେକ ସ୍ଥାନରେ ବାସ ଗୃହ ଥିବା ଯୋଗୁଁ ନିଜ ଜନ୍ମ ସ୍ଥାନରେ ଯାଞ୍ଚ କରିବା ପରେ କିଛି ମିଳିନଥିଲା । ମଙ୍ଗଳ ବାର ଦିନ ସମୁଦାୟ ୧୦ଟି ସ୍ଥାନରେ ଭିଜିଲାନ୍ସ ଟିମର ଚଢ଼ାଉ ଜାରି ରହିଥିବା ବେଳେ ଭୁବନେଶ୍ୱରରେ କେବଳ ୮ଟି ସ୍ଥାନ ଅନ୍ୟତ୍ର ୨ଟି ସ୍ଥାନରେ ଚଢ଼ାଉ ଜାରି ରଖିଛି ଭିଜିଲାନ୍ସ ଟିମ। ରାଜ କିଶୋର ଜେନାଙ୍କ ନିଜ ଘର ଜଗନ୍ନାଥ ପ୍ରସାଦରେ ଚଢ଼ାଉ ଚାଲିଥିବା ବେଳେ ନୟାଗଡ଼ ସ୍ଥିତ ତାଙ୍କ ସମ୍ପର୍କୀୟ ଘରେ ମଧ୍ଧ ଚଢ଼ାଉ ଜାରି ରହିଥିବା ଜଣା ପଡ଼ିଛି।

## ଖବର ପ୍ରସାରଣ ପରେ ମିଳିଲା ଜରିପାଲ ସହ ରାସନକାର୍ଡ



ପାଟଣାଗଡ଼, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଏନ୍ଏସି ଏରିଆର ୧୫ ନଂ ୱାର୍ଡ ରାଣୀସାଗର ଗାଁର ଅସହାୟ ବୃଦ୍ଧା ଉଷା ଦାଶଙ୍କ ବିଷୟରେ ଗତ କାଲି ଖବର ପ୍ରସାରଣ ପରେ ପ୍ରଶାସନ ତରଫରୁ ଉଷା ଦାଶଙ୍କ ଘରକୁ ଯାଇ ତାଙ୍କୁ ଏକ ରାସନକାର୍ଡ ପ୍ରଦାନ କରିଛନ୍ତି । ଏହି କାର୍ଡ ମାଧ୍ୟମରେ ସେ ପ୍ରତିମାସରେ ପାଟଣାଗଡ଼ ଏନ୍ ଏ ସି ଠାରୁ ୫ କିଲୋ ଚାଉଳ ପାଇ ପାରିବେ ବୋଲି ଜଣା ପଡିଛି । ତାଙ୍କର ରାସନ କାର୍ଡ ପୂର୍ବରୁ ନ ଥିବାରୁ ତାଙ୍କୁ ଅନ୍ତୋଦୟ ଯୋଜନାରେ ସାମିଲ କରା ଯାଇ ପାରି ନ ଥିଲା । ବର୍ତ୍ତମାନ ତାଙ୍କର ରାସନ୍ କାର୍ଡ ହୋଇଯାଇଛି । ଅନ୍ତୋଦୟ ଯୋଜନାରେ ବହୁତ ଜଲଦି ସାମିଲ କରାଯିବା ସହ ଏକ ଆବାସ ଗୃହ ଯୋଗାଇ ଦିଆଯିବ । ତେବେ ଗୋଟିଏ ପୋଲିଥିନ ମଧ୍ୟ ଦିଆ ଯାଇ ଥିବା ଜଣା ପଡିଛି !

## ମା'ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

ଦେଓଗଡ, (ମହାଭାରତ) : ବୃକ୍ଷ ହିଁ ଜୀବନ। ଆଜି ତା ୨୯/୦୭/୨୦୨୫ ଦିନ ଦେଓଗଡ ଜିଲ୍ଲା ରିଆମାଳ ଫରେଷ୍ଟ ରେଞ୍ଜ ଅଞ୍ଚଳ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋପବନ୍ଧୁ କ୍ଲବ ଦ୍ୱାରା ଆୟୋଜିତ ମାଆ ପାଇଁ ଗଛଟିଏ କାର୍ଯକ୍ରମ ରେ ବୃକ୍ଷ ରୋପଣ କରାଯାଇଛି। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ତଥା ସମ୍ବଲପୁର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଅରୁଣ କୁମାର ସାହୁ। ସମେତ ଦେଓଗଡ ଉରଡ ସ୍ୱାଧୀନତା ସାହାଣୀ।ଇଉଡ ରିଆମାଳ ଆଦିତ୍ୟ କୁମାର ପଣ୍ଡା। ରେଞ୍ଜର ଧରୁଆ ରିଆମାଳ। ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜିବୀ ଓ ଗୁଣ୍ଡିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଛାତ୍ର ଛାତି ମାନେ ବୃକ୍ଷ ରୋପଣରେ ଉପସ୍ଥିତ ଥିଲେ। ଜିଲ୍ଲା ସଭାପତିଙ୍କ କହିବା କଥା ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଆହୁଆନ କ୍ରମେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ସାରା ଦେଶରେ କାର୍ଯକ୍ରମ ହେଉଥିଲା ବେଳେ ଓଡ଼ିଶା ରାଜ୍ୟ ସମସ୍ତ ଜିଲ୍ଲା, ବ୍ଲକ ଓ ଗ୍ରାମ ପଞ୍ଚାୟତ ଠାରେ ମଧ ବୃକ୍ଷ ରୋପଣ କରାଯାଉଛି। ରେଞ୍ଜର ରିଆମାଳ ଧରୁଆ ବାବୁ ଙ୍କ କହିବା କଥା ଚଳିତ ବର୍ଷ ଏବେ ସୁଦ୍ଧା ଦେଓଗଡ ଜିଲ୍ଲା ରେ ପାଖା ପାଖି ୫୦୦୦ ହାଜର ବୃକ୍ଷ ରୋପଣ କରାଯାଇଛି। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ସାମିଲ ହୋଇ ଅତି ଆନନ୍ଦ ଉଲ୍ଲାସ ସହିତ ବୃକ୍ଷ ରୋପଣ କରିଥିଲେ। ସ୍ଥାନୀୟ ଗୋପବନ୍ଧୁ କ୍ଲବ ସଭାପତିଙ୍କ ସହଯୋଗରେ ଜଙ୍ଗଲ ସୁରକ୍ଷା ହେଉ କି ବୃକ୍ଷ ରୋପଣ ହେଉ ଗୋପବନ୍ଧୁ କ୍ଲବ ସଭାପତି ସହଯୋଗ କରିଥାନ୍ତି।

## ପାରାଦୀପ ଶାରଳା ମନ୍ଦିର ନୂତନ ପରିଚାଳନା କମିଟି ଗଠନ



ପାରାଦୀପ, (ମହାଭାରତ) : ପାରାଦୀପର ବଡ଼ପଡ଼ିଆ ବସଷ୍ଟାଣ୍ଡ ନିକଟସ୍ଥ ମା'ଶାରଳା ମନ୍ଦିରର ନୂତନ ପରିଚାଳନା କମିଟି ରବିବାର ଦିନ ଗଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଅନ୍ତର୍ଯ୍ୟାମୀ ସାହୁଙ୍କ ଆବାହକତ୍ୱ ଓ ହରେକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ମନ୍ଦିର ସୁପରିଚାଳନା ପାଇଁ ସର୍ବସମ୍ମତି କ୍ରମେ ନୂତନ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା । ଏଥିରେ ସଭାପତି ଭାବେ ଅମରେଶ ରାଉତରାୟ, ଉପସଭାପତି ଭାବେ ଅରୁଣ କୁମାର ଲେଙ୍କା, ମନୋଜ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ସରୋଜ କୁମାର ନାଥ, ସହ ସମ୍ପାଦକ ରଞ୍ଜିତ କୁମାର ସାହୁ, କୋଷାଧକ୍ଷ ସବ୍ୟସାଚୀ ମହାପାତ୍ର ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଆଇନଜୀବୀ ସଞ୍ଜୟ କୁମାର ମିଶ୍ର, ମାନସ ବିଶ୍ୱାଳ, ନିରଞ୍ଜନ ପାତ୍ର, କୃଷ୍ଣ ଚରଣ ବିଶ୍ୱାଳ, ତାପସ ପରିଜା, ରତ୍ନାକର ସ୍ୱାଇଁ ଓ ଧୂଳେଶ୍ୱର ମଲ୍ଲିକ ମନୋନୀତ ହୋଇଛନ୍ତି । ଏହି ବୈଠକ ରେ ଉପଦେଷ୍ଟା ଅନ୍ତର୍ଯ୍ୟାମୀ ସାହୁ, ପ୍ରହଲ୍ଲାଦ ସାହୁ, ନରେନ୍ଦ୍ର ପରିଡା, ଗଗନ ବିହାରୀ ସାହୁ, ବରିଷ୍ଠ ସଦସ୍ୟ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ, ଶଶାଙ୍କ ଶେଖର ଆଚାର୍ଯ୍ୟ, ଅୟସକାନ୍ତ ସାମଲ, ପ୍ରଭାସ କୁମାର ଦାସ, ସଦାନନ୍ଦ ମଲ୍ଲିକ, ସନ୍ତୋଷ ଭାରତୀ, ମୁରଲୀଧର ବେହେରା ପ୍ରମୁଖ ଉପସ୍ଥିତ ରହି ମନ୍ଦିର ପରିଚାଳନା ରେ ସୁଧାର ଆଣିବା ସହିତ ମନ୍ଦିରର ନୀତିକାନ୍ତି ଆଦି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ସୂଚନାଥାଉକି ଏହି ଶାରଳା ମନ୍ଦିର ପରିଚାଳନା କମିଟି ଉଦୟବଟ ଧାମ ରେ ଥିବା ଜଗନ୍ନାଥ ମନ୍ଦିରର ମଧ ପରିଚାଳନା କରିଥାଏ, ଯାହାକି ଶାରଳା ମନ୍ଦିର ପ୍ରତିଷ୍ଠାତା ବାବା ସର୍ବେଶ୍ୱର ଦାସ ଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିଲା ।

## ଆସିକା ମିଳିତ ପ୍ରାଥମିକ ସଙ୍ଘ ପକ୍ଷରୁ ଜିଲ୍ଲପାଳଙ୍କ ଉଦେଶ୍ୟରେ ୧୧ଦଫା ଦାବିପତ୍ର ପ୍ରାଦନ

ଆସିକା, (ମହାଭାରତ) : ଆସିକା ମିଳିତ ପ୍ରାଥମିକ ସଙ୍ଘ ପକ୍ଷରୁ ଜିଲ୍ଲପାଳଙ୍କ ଉଦେଶ୍ୟରେଆସିକା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ୧୧ ଦଫା ଦାବିପତ୍ର ପ୍ରାଦନ କରାଯାଇଛି। ଏହି ଦାବୀ ପତ୍ର ପ୍ରଦାନ ସମୟରେ ସଙ୍ଘର ସଭାପତି ସନ୍ତୋଷ କୁମାର ସେଠି, ଉପସଭାପତି ଶିବ ଶଙ୍କର ଜେନା, ରଞ୍ଜିତା ପାତ୍ର କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପ୍ରଧାନ, ସରୋଜ କୁମାର ନାୟକ, ଟୁଲୁ ବେହେରା, ସନ୍ତୋଷ କୁମାର ବେହେରା, ପ୍ରଶାନ୍ତ କୁମାର ବେହେରା, ରାମନାଥ ପାଟନାୟକ, ପଦ୍ମ ସେଠୀ, ସୁନୀଲ କୁମାର ମିଶ୍ର,କାଳୀ ଚରଣ ପଟ୍ଟନାୟକ, ବଂଶୀଧର ବେହେରା, ଲୀତା ଜେନା,ସୁପ୍ରଭା ସାହୁ, ଅନିତା ପଟନାୟକ, ସିମାଞ୍ଚଳ ସେଠିଙ୍କ ସମେତ ସମସ୍ତ କର୍ମକର୍ତା ଉପସ୍ଥିତ ରହି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡାଙ୍କୁ ଦାବୀ ପତ୍ର ପ୍ରଦାନ କରିଥିଲେ। ସଙ୍ଘ ପ୍ରଦାନ କରିଥିବା ଦାବୀ ଗୁଡିକ ମଧରେପ୍ରତେକ ବିଦ୍ୟାଳୟରେ ବ୍ୟବହାର ପାଇଁ ଟାବେଲେଟ୍ ପାଇଁ ସିମ୍ ଏବଂ ଇଣ୍ଟରନେଟ୍ ସୁଚାରୁ ରୂପେ ଯୋଗାଇ ଦେବା।ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟାବଲେଟ୍



ଯୋଗାଇଦେବା।ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀ ପ୍ରାୟ ଦିନ ୧୧.୩୦ ପର୍ଯ୍ୟନ୍ତ ବିଦ୍ୟାଳୟକୁ ଲୟକୁ ଆସୁଛନ୍ତି । ସେହି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ପକାଇବା ସୁବିଧା ୟୁନିଫାଇଟ୍ ଅଟୋମେସେନ୍ ସିଷ୍ଟମରେ ଉପଲବ୍ଧ ତେଣୁ ଏହାର ଅନ୍ୟ ପନ୍ଥା ବାହାର କରିବା। ସ୍ୱଳ୍ପ ଦରମାରେ ଶିକ୍ଷକ ଶିକ୍ଷୟିତ୍ରୀ ନିଜର ପରିବାର ପ୍ରତିପୋଷଣ କରିବା କଷ୍ଟକର ତେଣୁ ନିଜସ୍ୱ ଖର୍ଚ୍ଚରେ ରିଚାର୍ଜ କରିବା ସମ୍ଭବ ପର ନୁହେଁ। ଶିକ୍ଷଣ ସମୟ ଅପଚୟ କରି କମ୍ପ୍ୟୁଟର୍ କିମ୍ବା ମୋବାଇଲ୍ ଡାଟା ଅପଲୋଡ୍ କରିବା ଦ୍ୱାରା ଶିକ୍ଷଣ କ୍ଷେତ୍ରରେ ବାଧା ସୃଷ୍ଟି ହେବ ତେଣୁ ଡାଟା ଏଣ୍ଟ୍ରି ଅପରେଟର?ଙ୍କ ଆବଶ୍ୟକତା କୁ ପୁରଣ କରିବା। ପୁନଃଶ୍ଚ ଓଡିଶା ସରକାରଙ୍କ ଅଧୀନସ୍ଥ ପ୍ରତି ବିଭାଗରେ ଏହି ବ୍ୟବସ୍ଥା ଲାଗୁ ହୋଇନଥିବା ବିଦ୍ୟାଳୟମାନଙ୍କରେ ଲାଗୁ କରିବା ଦ୍ୱାରା ସର୍ବେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅନ୍ତର୍ଗତ କେବ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ସ୍ପଷ୍ଟ ଅନୁମେୟ ହେଉଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ପ୍ରତି ବିଦ୍ୟାଳୟ ଶିଶୁ ବାଟି ବାଟିକା ଖାଲା ଯାଇଥିଲେ ମଧ ଉକ୍ତ ଶ୍ରେଣୀ ପାଇଁ ଅଦ୍ୟାବଧି ଶିକ୍ଷକ ନିଯୁକ୍ତି ହୋଇ ହାଇନାହାନ୍ତି । ପ୍ରାଥମିକ କିମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଯାବତ୍ ନିୟମାନୁସାରେ ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ । ବର୍ଷ ବର୍ଷ ଧରି ଶିକ୍ଷକତା କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ଓଟିଇଟି ଭଳି କୁତ୍ସିତ ବ୍ୟବସ୍ଥାକୁ ବନ୍ଦ କରିବା। ୟୁନିଫାଇଡ୍ ଅଟୋମେସନ୍ ସିଷ୍ଟମ୍ ଲାଗୁ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାନସିକ ନିର୍ଯ୍ୟାତନା ଦିଆଯାଉଛି । ଶିକ୍ଷକମାନଙ୍କୁ ନିର୍ଦ୍ଧାରିତ ପାଠ୍ୟକ୍ରମର ବିହିଃଭୁତ କାର୍ଯ୍ୟରେ ନିୟୋଜନ ନକରିବା ପାଇଁ ଅନୁରୋଧ କରିବା ୨୨ଟି ରାଜ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା ୪୨୦୦ ଗ୍ରେପେ ପ୍ରଦାନ କରୁଥିବା ସ୍ଥଳେ ଆମ ବିଭାଗ ଚିର ନିଦ୍ରାରେ ଶୋଇପଡି ହଠାତ୍ ୟୁନିଫାଇଜ୍ ଅଟୋମେସନ୍ ସିଷ୍ଟମ ଲାଗୁ କରିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## କମାଲ ଶିବିର ଶିକ୍ଷା ଅଭିଯାନ ଉତ୍ସବ ଉଦଯାପିତ

ଗୁଡଭେଲା, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ଲୋକ ଉନ୍ନତି ସଂଗଠନ ଓ ପ୍ରଥମ ଫାଉଣ୍ଡେସନ ର ମିଳିତ ଉଦ୍ୟମ ରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ଜାମୁଟ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଏକ ଉତ୍ସାହ ପୂର୍ଣ୍ଣ ଶିକ୍ଷା ଉତ୍ସବ କମାଲ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗ୍ରୀଷ୍ମ ଅବକାଶ ମଧ୍ୟରେ ଚାଲିଥିବା ପାଠ ପଢ଼ା ଅଭିଯାନ ସମାପନ ଓ ଉତ୍ସବ ମଙ୍ଗଳବାର ଉଦଯାପନ ହୋଇ ଯାଇଛି। ଏହି ଶିବିରରେ ସ୍ୱେଚ୍ଛାସେବୀ ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଖେଳ, ଗପ,ଚିତ୍ରାଙ୍କନ ଓ କାହାଣୀ ମାଧ୍ୟମରେ ପାଠ ପଢ଼ାଇ ତାଙ୍କର ଗ୍ରୀଷ୍ମ ଅବକାଶ ଦିନ ଗୁଡିକୁଉପଯୁକ୍ତ ଓ ଶିକ୍ଷା ନୁ ଦ୍ୱ ପୂର୍ଣ୍ଣ କରିଥିଲେ । ଏହି କାର୍ଯ୍ୟକ୍ରମ ୬ ଛଅ ସପ୍ତାହ ଧରି ଚାଲିଥିଲା ଓ ଏହା ଦ୍ୱାରା ଗ୍ରାମ ଅଞ୍ଚଳ ରେ ଶିକ୍ଷା ପ୍ରତି ଜାଗୃତି ସୃଷ୍ଟି ହେବା ସହ ଶିଶୁ ମାନଙ୍କର ମନୋବୃତ୍ତି ବ୍ୟକ୍ତିତ୍ୱ ବିକାଶରେ ଗୁରୁତ୍ୱ ଭୂମିକା ନିଭାଇ ଥିଲେ । ଅତିଥି ମାନଙ୍କ ଦ୍ୱାରା ସ୍ୱେଚ୍ଛାସେବୀ ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇ ଥିଲା। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାମୁଟ ଗ୍ରାମ ପଂଚାୟତର ସରପଞ୍ଚ ମହୋଦୟ ଶ୍ରୀଯୁକ୍ତ ଭାପସିଂ ମାଝୀ ଲୋକ ଉନ୍ନତି ସଂଗଠନ ର କାର୍ଯ୍ୟକର୍ତ୍ତା ରୂପାଧର ପୁଟା, ପିତାମ୍ବର ପଧାନ, ତପେଶ୍ୱର କୁଶଳ, ନିରାକାର ଭୋଇ ଓ ବିଶ୍ୱାମିତ୍ର ଭୋଇ ଉପସ୍ଥିତ ଥିଲେ ।

## କାହିଁଗଲେ ଆରଆଇ ? : ଅଡୁଆରେ ଚାଷୀଭାଇ !

୨୯/୭.(ମହାଭାରତ):୩୪ ଗୋଟି ଗ୍ରାମ ପଂଚାୟତକୁ ନେଇ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଗଠିତ ।ଏହା ଏକ କୃଷି ପ୍ରଧାନ ଅଞ୍ଚଳ। ଏହି ଅଞ୍ଚଳରେ ଚାଷୀ ଉଭୟ ରବି ଓ ଖରିଫ ଋତୁରେ ଧାନ ଚାଷ କରିଥାନ୍ତି। ସଂପ୍ରତି ଧାନ ଚାଷ କରିବା ପାଇଁ ବିହନ ଠୁ ଆରମ୍ଭ କରି ବିଲ ହଲ, ଧାନ ରୋଇବା ଆଦି ସାହାଯ୍ୟରେ ଚାଷୀ ଚାଷ କରିଥାଏ। ଧାନ ଅମଳ କରି ବିକିବା ପାଇଁ ନିକଟସ୍ଥ ନିଜ କୃଷି କାର୍ଯ୍ୟାଳୟରେ ପଞ୍ଜି କରଣ କରିଥାଏ। ଚାଷୀ ଧାନ ବିକ୍ରି ନିମନ୍ତେ ପଞ୍ଜୀ କରଣ କରିବା ପାଇଁ ବିଭିନ୍ନ କାଗଜାତ ସଂଲଗ୍ନରେ




ଦେଇ ପାଞ୍ଜି କରଣ କରେ । ସେଥିରୁ ଅନ୍ୟତମ ହେଉଛି ବର୍ତ୍ତମାନ ସରକାରଙ୍କ ନୂଆ ନିୟମ ଇକେୱାଇସି ,ଯେଉଁଥିରେ ଖଜଣା, ଜଳକର ଖଜଣା, ଭାଗଚାଷୀ ଘୋଷଣାନାମା, କରିବାକୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇଥାଏ। ହେଲେ ନିରୀହ ଚାଷୀ କାର୍ଯ୍ୟାଳୟ ପରିସରକୁ ୪ ରୁ ୫ ଦିନ ହେବ ସ୍ଥାନୀୟ କାର୍ଯ୍ୟାଳୟରେ କୌଣସି ସରକାରୀ କର୍ମଚାରୀକୁ ପାଏନା। ସେ କଣ କରିବ ଆଉ କେଇ ଦିନରେ ଧାନ ବିକ୍ରି କରିବା ଚାଷୀ ପଂଜି କରଣ ଅବଧି ତାରିଖ ଶେଷ ହୋଇଯିବ ବୋଲି ଡର। ଠିକ୍ ଏହି ପରି ଏକ ଅଭିଯୋଗ ହୋଇଛି ଜୁନାଗଡ଼ ତହସିଲ ଅନ୍ତର୍ଗତ ବୁଢ଼ାଦର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ସ୍ଥାନୀୟ ଚାଷୀଙ୍କ ସମେତ ଅନ୍ୟ କାମ ପାଇଁ ଆସିଥିବା ନିର୍ଭରଶୀଳ ଲୋକେ ଆର ଆଇ ମେଡମଙ୍କୁ ଅପେକ୍ଷା କରି ରହିଛନ୍ତି। ହେଲେ ଆଜିକୁ ୪ ରୁ ୫ ଦିନ ହେବ ନିରୀକ୍ଷକଙ୍କ ଦେଖାନାହିଁ। ଜୁନାଗଡ଼ ତହସିଲ ଅଧିନରେ ରହିଛି ୧୧ ଗୋଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ।୧୧ ଗୋଟି କାର୍ଯ୍ୟାଳୟକୁ ୧୦ ଟି ଆର ଆଇ ନିୟୋଜିତ ହୋଇଥିବା ବେଳେ, ଗୋଟିଏ ଟ୍ରେନିଙ୍ଗରେ ରହିଛନ୍ତି। ୧୧ ଗୋଟି ଆର ଆଇ କାର୍ଯ୍ୟାଳୟରୁ ବଣ ପାହାଡ ଘେରା ଅଞ୍ଚଳ ବୁଢ଼ିଦର୍ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅନ୍ୟତମ ।ଅନ୍ୟପଟେ ଚଳିତ ବର୍ଷ ରବି ଋତୁରେ ଏହି ସର୍କଲରେ ୭୭୪ ଚାଷୀ ପଞ୍ଜିକରଣ କରିଥିବା ବେଳେ, ବର୍ତ୍ତମାନ ଚଳିତ ମାସ ୨୦ ତାରିଖରୁ ଆରମ୍ଭ ହୋଇଛି ଚାଷୀଙ୍କ ପଞ୍ଜିକରଣ ପ୍ରକ୍ରିୟା।ଏହି ପରିପ୍ରେକ୍ଷୀରେ ନିୟମିତ ନ ଆସି ସଂପୃକ୍ତ ରାଜସ୍ୱ ନିରୀକ୍ଷକ ବର୍ତ୍ତମାନ ସ୍ଥିତିରେ ୪ ରୁ ୫ ଦିନ ନ ଆସିବା ତଦନ୍ତ ସାପେକ୍ଷ। ରାଜ୍ୟ ସରକାରଙ୍କ କୁହାଳିଆ ମନ୍ତ୍ରୀମାନେ ବାହାସ୍ଫୋଟ ମାରୁଥିବା ବେଳେ, ତୃଣମୂଳ ସ୍ତରରେ ସ୍ଥିତି କିନ୍ତୁ ଭିନ୍ନ।ଏ ଦିଗରେ କଳାହାଣ୍ଡି ଜିଲ୍ଲାପାଳ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ତଦନ୍ତ କରି ନିୟମିତ କାର୍ଯ୍ୟାଳୟ ଖୋଲାଯିବା ପାଇଁ ଗ୍ରାମ ବାସି ଦାବି କରିଛନ୍ତି।

## ମୁର୍ମୁ ଛକରେ ବୁଲେଟ-ବାଇକ୍ ଧକ୍କା

ରାଇରଙ୍ଗପୁର, (ମହାଭାରତ) : ଆଧୁନିକ ଯୁଗରେ ଯୁବଗୋଷ୍ଠୀଙ୍କର ପ୍ରିୟ ହେଉଛି ବୁଲେଟ ଚାଳନା ।କିଏ କାହାକୁ କେତେ ଶିଘ୍ର ଅତିକ୍ରମ କରିବ। ଟ୍ରାଫିକ ବ୍ୟବସ୍ଥା ରାଇରଙ୍ଗପୁର ସହରରେ ବିପର୍ଯ୍ୟସ୍ତ । ଏମଭିଆଇ ନିଘୋଡ଼ ନିଦରେ ଶୋଇଛି । ପୋଲିସ ଏବଂ ପ୍ରଶାସନ ବିଭାଗ ମଧ୍ୟରେ କିଛି ସମ୍ପର୍କ ନାହିଁ । ବାଇକ୍ ଚେକିଂ ଇତ୍ୟାଦିକୁ ପରିବହନ ବିଭାଗର ଗୁରୁତ୍ୱ ନାହିଁକି ପୋଲିସ ବିଭାଗର ନିଘା ନାହିଁ । କିଛି ଅଘଟଣ କି ଦୁର୍ଘଟଣା ଘଟିସାରିଲା ପରେ ପୋଲିସ ପହଞ୍ଚେ ଏବଂ ପିଡିତାକୁ ନେଇ ଡ଼ାକ୍ତରଖାନା ପହଞ୍ଚାଏ ।ଯାହାର ଫାଇଦା ନେଉଛନ୍ତି ଅମାନିଆ ଯୁବ ବାଇକ ଚାଳକମାନେ ।କିଏ ମଦଖାଇ ଦୃତ ଗତିରେ ବାଇକ୍ ଚଳାଉଛି ତ କିଏ କାନରେ ମୋବାଇଲ ଲଗାଇ,ବାଇକ୍ ଚଳାଉଛି ତ ଆଉ କାହାର ଦୃତ ଗତିରେ ଗାଡି ଚଳାଇ ଅନ୍ୟ ଗାଡ଼ିକୁ ଅତିକ୍ରମ କରିବା ନିଶା । ଆଜି ପୂର୍ବାହ୍ନ ୧୧ ଟା ପାଖାପାଖି ସମୟରେ ରାଇରଙ୍ଗପୁର ସହରର ମୁର୍ମୁ ଛକରେ ବୁଲେଟ ଏବଂ ସ୍ପ୍ଲେଣ୍ଡର ବାଇକ ଦୁର୍ଘଟଣାରେ ରକ୍ତାକ୍ତ ଓ ଖଣ୍ଡିଆ ଖାବରା ହୋଇ ଉଭୟ ଚାଳକଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତି କରା ଯାଇଥିଲା । ଜଣଙ୍କର ମୁଣ୍ଡ ଫାଟିଛି ତ ଆଉ ଜଣଙ୍କର ମୁଣ୍ଡ, ଗୋଡ଼, ହାତରେ ମାଡ଼ ହୋଇଛି । ପୋଲିସ ଗାଡି ଦୁଇଟିକୁ ଜବତ କରିଛି ।ବୁଲେଟ ଚାଳକ ହେଉଛନ୍ତି ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ନୂଆଗାଁର ଆର୍ଯ୍ୟାନ୍ ମହାନ୍ତ ଏବଂ ବାଇକ ଚାଳକର ଘର ହେଉଛନ୍ତି ବାଇକଳାର ଅମିତ ଗିରି ।

## ସାମ୍ବାଦିକଙ୍କୁ ରେଷ୍ଟୋ ମାଲିକଙ୍କ ହତ୍ୟା ଧମକ, ଥାନାରେ ଅଭିଯୋଗ

ହିଞ୍ଜିଳିକାଟୁ, (ମହାଭାରତ): ହିଞ୍ଜିଳି ଥାନା ସୋମପୁର ନିକଟରେ ଥିବା ଷ୍ଟାର ଇନ୍ ରେଷ୍ଟୋ ମାଲିକ ମୁଦ୍ରିତ ଗଣ ମାଧ୍ୟମର ହିଞ୍ଜିଳିକାଟୁ ପ୍ରତିନିଧିଙ୍କୁ ଫୋନ ଜରିଆରେ ଅଶ୍ରାବ୍ୟ ଭାଷା ପ୍ରୟୋଗ କରି ଗାଳି ଗୁଲଜ କରିବା ସହ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ସାମ୍ବାଦିକ ଜଣକ ଭୟଭୀତ ହୋଇ ଅଡିଓ ବାର୍ତ୍ତାଳାପର ପ୍ରମାଣ ଦାଖଲ କରିବା ସହ ରେଷ୍ଟୋ ମାଲିକଙ୍କ ବିରୋଧରେ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଭିତିରେ ପୁଲିସ୍ ହିଞ୍ଜିଳି ଥାନା କେଶ ନଂ-୫୯୦/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅଡିଓ ବାର୍ତ୍ତାଳାପ ବେଳେ ରେଷ୍ଟୋ ମାଲିକ ଗଣ ମାଧ୍ୟମର ସ୍ଥାନୀୟ ପ୍ରତିନିଧିଙ୍କୁ କୁତ୍ସିତ ଭାଷା ପ୍ରୟୋଗ କରି ଆକ୍ଷେପ କରିବା ସହ ସେମାନଙ୍କ କର୍ତ୍ତବ୍ୟ ଓ ସାମାଜିକ ମୁଲ୍ୟବୋଧକୁ ଅସମ୍ମାନ ପ୍ରଦର୍ଶନ ଓ ଅପମାନ କରିବା ଘଟଣା ଜାଣିବା ଶୁଣିବା ଗଣ ମାଧ୍ୟମର ପ୍ରତିନିଧିଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁଲିସ ସୁଚନା ଅନୁଯାୟୀ ଗତ ୨୬ ଶନିବାର ହିଞ୍ଜିଳିକାଟୁର ସାମ୍ବାଦିକ ବି. ରାଜେଶ ସୁବୁଦ୍ଧି ହିଞ୍ଜିଳି ଥାନା ସୋମପୁର ନିକଟ ତଥା ୫୯ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଷ୍ଟାର ଇନ୍ ରେଷ୍ଟୋକୁ ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଇଥିଲେ। ରେଷ୍ଟୋରେ ସେ ଜିଏସଟି ବିଲ ଓ ସେଠାରେ କିଛି ଶିଶୁ ଶ୍ରମିକ କାମ ନିୟୋଜିତ ଥିବା ତାଙ୍କ ନଜରକୁ ଆସିଥିଲା। ଏ ବିଷୟରେ ସେ ରବିବାର ରେଷ୍ଟୋ ମାଲିକ ମିଟୁ ବିଶ୍ୱାଳଙ୍କୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। କିନ୍ତୁ ଏହାର କିଛି ସମୟ ପରେ ମାଲିକ ମିଟୁ ଉତ୍ତେଜିତ ହୋଇ ସାମ୍ବାଦିକ ରାଜେଶଙ୍କୁ ଆଶ୍ରାବ୍ୟ ଭାଷା ଓ କଟୁ ଶବ୍ଦ ପ୍ରୟୋଗ କରି ଅସାମାଜିକ ଢଙ୍ଗରେ ବିଭିନ୍ନ ପ୍ରକାରର ଗାଳି ଗୁଲଜ କରିଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦେବା ସହ ତାଙ୍କ ସହିତ ସ୍ଥାନୀୟ ସହରର ଗଣ ମାଧ୍ୟମର ପ୍ରତିନିଧିଙ୍କ ପ୍ରତି ଅସଭ୍ୟ ଭାଷା ଓ ଅପମାନ ସୂଚକ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିଥିଲେ। ଏନେଇ ସାମ୍ବାଦିକ ରାଜେଶ ସୋମବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କ ନିର୍ଦ୍ଦେଶରେ ତଦନ୍ତକାରୀ ଅଧିକାରୀ ଏଏସଆଇ ମନୋଜ କୁମାର ସେନାପତି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛନ୍ତି।

## ଜେଲ୍‌ରେ ବ୍ୟାଙ୍କ୍ ଲୁଟେରାଙ୍କ ଟିଆଇ ପରେଡ୍

ନୟାଗଡ଼, (ମହାଭାରତ) : ସଦର ଥାନା ଅଧୀନ ମାନ୍ଧାତାପୁର ଇଣ୍ଡିଆନ ବ୍ୟାଙ୍କରୁ ହୋଇଥିବା ଲୁଟ୍ ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ପାଞ୍ଚ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଗିରଫ ହୋଇଥିବା ଏ ସମସ୍ତ ଲୁଟେରା ମାନଙ୍କର ଜେଲ୍ ମଧ୍ୟରେ ଟିଆଇ ପରେଡ୍ ଶେଷ ହୋଇଛି। ଘଟଣା ଦିନ ବ୍ୟାଙ୍କରେ ଉପସ୍ଥିତ ଥିବା ସମସ୍ତ କର୍ମଚାରୀ ଏହି ଲୁଟେରା ମାନଙ୍କୁ ଚିହ୍ନିଥିବା ଜଣାପଡ଼ିଛି। ମାତ୍ର ଏହି ମାମଲାରେ ଏବେ ଆହୁରି ୪ ଜଣଙ୍କର ସନ୍ଧାନ ମିଳୁନାହିଁ। ଫେରାର ଥିବା ଏହି ଲୁଟେରା ମାନଙ୍କ ଟେର୍ ସଦର ଥାନା ପୁଲିସ ପାଉନାହିଁ। ବିଶେଷ କରି ଏ ସମସ୍ତ ଘଟଣାର ମାଷ୍ଟର ମାଇଣ୍ଡକୁ ପୁଲିସ ଏ ପର୍ଯ୍ୟନ୍ତ ଗିରଫ କରିବାରେ ସକ୍ଷମ ହୋଇନାହିଁ। ସଦର ଥାନା ପୁଲିସ ଡାଳେଡାଳେ ଗଲେ, ଫେରାର ଥିବା ବ୍ୟାଙ୍କ୍ ଲୁଟେରା ମାନେ ପତ୍ରେପତ୍ରେ ଯାଉଛନ୍ତି। ବୋଧହୁଏ ଅନ୍ୟ ଥାନା ଗୁଡ଼ିକର ସ?ହଯୋଗ






ମିଳିନଥିଲେ, ସେଦିନ ସମସ୍ତ ଲୁଟେରା ଜିଲ୍ଲାରୁ ଫେରାର ହୋଇଯାଇଥାନ୍ତେ। ପ୍ରଥମ ଦଫାରେ ୪ ଜଣ ଓ ପରେ ବହୁ କଷ୍ଟରେ ଆଉ ଜଣେ ଲୁଟେରା ଶିବା ଡାକୁଆକୁ ପୁଲିସ ଗିରଫ କରିଛି। ପୂର୍ବରୁ ଗିରଫ ହୋଇଥିବା ଜଗତସିଂହପୁର ଜିଲ୍ଲାର ସାଗର ମହାରଣା, ଦଶପଲ୍ଲା ଥାନା ଅଧୀନ ଭୋଗରା ଗାଁର ପ୍ରମୋଦ ନାୟକ, ଇଟାମାଟି ଥାନା ଅଧୀନ ଲାଠିପଡ଼ା ଗାଁର କାର୍ତ୍ତିକ ବରାଡ଼ ଓ ସଦର ଥାନା ଅଧୀନ ଜେମାଦେଇପୁରପାଟଣାର ପୂର୍ବତନ ସରପଞ୍ଚ ଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟିଙ୍କ ଠାରୁ ଗୋଟିଏ ବନ୍ଧୁକ ଓ ପ୍ରାୟ ଏକୋଇଶି ଲକ୍ଷ ଟଙ୍କା ଜବତ କରିଥିଲା। ପଛରେ ଗିରଫ ହୋଇଥିବା ଶିବାଠାରୁ ଟଙ୍କା ଜବତ ହୋଇନଥିବା ବେଳେ ଆଉ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ରାଜଧାନୀରେ ରହି ଗ୍ୟାଙ୍ଗ ଚଳାଇଥିବା ଏହି ଲୁଟେରା ମାନଙ୍କର ମୂଳ ପର୍ଯ୍ୟନ୍ତ ପୁଲିସ ପହଞ୍ଚିପାରୁନାହିଁ। ଯଦିଓ ଫେରାର ଥିବା ସମସ୍ତ ଲୁଟେରା ଙ୍କୁ ପୁଲିସ ଚିହ୍ନଟ କରିସାରିଛି, ସେମାନଙ୍କ ନିକଟରେ ବର୍ତ୍ତମାନ ସୁଦ୍ଧା ପହଞ୍ଚି ପାରିନାହିଁ। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସେମାନେ ଆଡ୍ଡା ଜମାଉଥିବା ସ୍ଥାନ ଗୁଡ଼ିକ ଉପରେ ପୁଲିସ କଡ଼ା ନଜର ରଖିଥିଲେ ମଧ୍ଧ ସେମାନଙ୍କୁ କବ୍?ଜାକୁ ନେବା ପାଇଁ ସକ୍ଷମ ହୋଇନାହିଁ। ଯେହେତୁ ଏହି ଲୁଟେରା ମାନେ ସମ୍ପୂର୍ଣ୍ଣ ପେଷାଦାର, ତେଣୁ ସେମାନେ ପୁଲିସକୁ ଚକ୍ରମା ଦେବାକୁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ୨୦ରୁ ଅଧିକ ମାମଲା ରହିଛି। ପୁଲିସର ପ୍ରତ୍ୟେକ ପଦକ୍ଷେପ ସମ୍ପର୍କରେ ସେମାନଙ୍କୁ ମଧ ଭଲ ଭାବେ ଜଣା। ଏଣୁ ପୁଲିସ ସହ ସେମାନଙ୍କୁ ଲୁଚକାଳି ଖେଳିବା ବହୁତ ସହଜ ହେଉଥିବା ଜଣାପଡ଼ିଛି। ଏ ନେଇ ଥାନା ଇନ୍ସପେକ୍ଟର ଶରତଚନ୍ଦ୍ର ସେଠୀ କୁହନ୍ତି ଯେ, ସମସ୍ତଙ୍କୁ ଖୁବ୍?ଶୀଘ୍ର ଗିରଫ କରାଯିବ। ଏ ନେଇ ସ୍ୱତନ୍ତ୍ର ଭାବେ ଯୋଜନା କରାଯାଇଛି। ଯେହେତୁ ସେମାନେ ଅଲଗା ଅଲଗା ହୋଇ ବିଭିନ୍ନ ସ୍ଥାନରେ ବୁଲୁଛନ୍ତି, ଏକାଠି ଏହି ଲୁଟେରା ମାନଙ୍କୁ ଗିରଫ କରିବା ସମ୍ଭବ ହେଉନାହିଁ। ତଥାପି ପୁଲିସ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି।

## ବିଶ୍ୱ ବ୍ୟାଘ୍ର ଦିବସ ଉପଲକ୍ଷେ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଦଶପଲ୍ଲା, (ମହାଭାରତ): ବିଶ୍ୱ ବ୍ୟାଘ୍ର ଦିବସ ଉପଲକ୍ଷେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ୍ ସତ୍ୟ ମହାବୀର ପୀଠ ବୁଗୁଡା କଲୋନୀ ଠାରେ ଆଜି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ବାଣୀଗୋଛା ପଶ୍ଚିମ ବନ୍ୟପ୍ରାଣୀ ବନାଂଚଳ ତରଫରୁ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ପୁରାଣ ପ୍ରସିଦ୍ଧ ସତ୍ୟ ମହାବୀର ପାହାଡ ପାଦଦେଶରେ ଆମ୍ବ,ଜାମୁ , କାଜୁ , ଅଳା ଭଳି ଶତାଧିକ ବୃକ୍ଷରୋପଣ କରାଯାଇଥିଲା ଓ ପ୍ରତ୍ୟେକ ବୃକ୍ଷ କୁ ସୁରକ୍ଷା ଦେବା ସହିତ ବଂଚାଇ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମ କୁ ଚର୍ଚ୍ଚାରେ ଥିବା ପ୍ରକୃତି ପ୍ରେମୀ ବନପାଳ ରାଜକୁମାର ଶତପଥୀ ପରିଚାଳନା କରିଥିବାବେଳେ ଟାକରା ସରପଞ୍ଚ ମଦନ କୁମାର ଜାନୀ,ଉତ୍ସର୍ଗ ଫାଉଣ୍ଡେସନ ର ଅଧ୍ୟକ୍ଷ ତଥା ଯୁବସାମ୍ବାଦିକ ପ୍ରୀୟବ୍ରତ ଆଚାର୍ଯ୍ୟ,ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ମାର୍ଶାଲ ପଂକଜ ଚରଣ ଜାନୀ , କଂ ସମେତ ଏହି କାର୍ଯ୍ୟକ୍ରମ ରେ ବନାଂଚଳ ଅଧିକାରୀ ସଂସାର ବର୍ଗୀଆ ଯୋଗ ଦେଇଥିବା ବେଳେ, ବନପାଳ ରାଜ୍ କୁମାର ସତପଥି , ଦୀପ୍ତିରଂଜନ ଆଚାର୍ଯ୍ୟ, ଅଜୟ କୁମାର ସ୍ୱାଇଁ ,ପୁଷ୍ପଲତା ପ୍ରଧାନ , ବନରକ୍ଷୀ ମଧୁସ୍ମିତା ନାୟକ ,ରୀନା ନାୟକ କଂ ସମେତ ବୁଗୁଡା ଫରେଷ୍ଟ ସେକସନ୍ ର ସମସ୍ତ, ୱାଚର୍ , ଶୀକାର ନିରୋଧି ବନ କର୍ମଚାରୀ ମାନେ ସହଯୋଗ କରିଥିଲେ । ପ୍ରକାଶ ଥାଉକି ବନାଂଚଳ ଅଧିକାରୀ କଂ ନିର୍ଦ୍ଦେଶ କ୍ରମେଃ , ବୁଗୁଡା ସେକ୍ସନ ବନପାଳ ରାଜ୍ କୁମାର ଶତପଥୀଙ୍କ ତ୍ଵାବଧାନରେ ବାଣିଗୋଛା ପଶ୍ଚିମ ବନାଂଚଳ ର ବିଭିନ୍ନ ଆଦିବାସୀ ଗ୍ରାମରେ ଗୋଷ୍ଠୀ ସ୍ୱାର୍ଥ ସୁରକ୍ଷା କାର୍ଯ୍ୟକ୍ରମ ସମେତ, ଜଂଗଲ ସୁରକ୍ଷା, ଅଗ୍ନି ନିର୍ବାପଣ,ବୃକ୍ଷରୋପଣ , ବନ୍ୟପ୍ରାଣୀ ସୁରକ୍ଷା ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସଚେତନତା ସୃଷ୍ଟିକରି ସେକସନ ବନପାଳ ରାଜ୍ କୁମାର ଶତପଥି ଓ ବନାଂଚଳ ଅଧିକାରୀ ସଂସାର ବର୍ଗୀଆ ବେଶ୍ ଚର୍ଚ୍ଚାରେ ରହିଛନ୍ତି ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଚାରା ବଣ୍ଟନ

ଆସିକା (ମହାଭାରତ): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ପୌରହିତ୍ୟରେ ଚାରା ବଣ୍ଟନ ଓ ରୋପଣ ତଥା 'ମାଁ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଉଦଯାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ବିଭୁତି ଭୁଷଣ ବେବର୍ତ୍ତା, ସହ ପ୍ରଶାସନିକ ଅଧିକାରୀ ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶୈକ୍ଷିକ ଅଧିକାରୀ ଡ. ସ୍ମିତାରାଣୀ ପଣ୍ଡା, ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନାର ତିନୋଟି ୟୁନିଟ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ ଏବଂ ରୋଭର୍ସ ଶାଖାର ଅଧିକାରୀ ବର୍ଗ ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ କୁମାର ସାହୁ, ପବିତ୍ର ଧଙ୍ଗଡାମାଝୀ, ଚିତ୍ରସେନ ବେହେରା, ଡ. ଅଜିତ କୁମାର ମୁନୀ, ସୁଶ୍ରୀ ଯୋଗେଶ୍ୱରୀ ଧରୁଆଙ୍କ ସମେତ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୨୮ ଏବଂ ୨୯ ତାରିଖ ଦୁଇ ଦିନ ଧରି ଚାଲିଥିଲା। ଆସିକା ବନା□ଳ, ଘୁମୁସର ବନଖଣ୍ଡର ବନାଧିକାରୀ ପ୍ରମୋଦ କୁମାର ପଣ୍ଡା ୭୫୦ ବୃକ୍ଷ ଚାରା ଆମ୍ବାବାଡୀ ନର୍ସରୀରୁ ଯୋଗାଇ ଦେଇଥିଲେ। ଆସିକା ବନାଞ୍ଚଳର କର୍ମଚାରୀ ମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସଚେ୍ତନ ଏବଂ ସହଯୋଗ କରିଥିଲେ। ଅଧ୍ୟକ୍ଷ ଡ. ଚୌଧୁରୀ ବୃକ୍ଷ ରୋପଣର ସଚେ୍ତନତା ବାର୍ତ୍ତା ରଖିଥିଲେ ଏବଂ କହିଥିଲେ ଯେ ବୃକ୍ଷ ଦ୍ୱାରା ସଂସାରକୁ ଅମ୍ଳଜାନ ମିଳେ ତେଣୁ ଚାରା ରୋପଣ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୌଳିକ କର୍ତ୍ତବ୍ୟ ଅଟେ। ମାଁ ଯେପରି ତୁମମାନଙ୍କ ଯତ୍ନରେ କୌଣସି ପ୍ରକାରର ଅବହେଳା କରନ୍ତି ନାହିଁ, ସେହିପରି ତୁମେମାନେ ମଧ୍ୟ ଗୋଟିଏ ଚାରାକୁ ହୃଦୟର ସହିତ ଯତ୍ନ ନେବା ପାଇଁ ଆହ୍ୱାନ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ କୁମାର ସାହୁ କହିଥିଲେ ପାଦପ ମାନେ ବୃକ୍ଷ ଏବଂ ପାଦପ ହେଉଛି ଭଗବାନଙ୍କ ପାଦ ସଦୃଶ୍ୟ। ତେଣୁ ଗଛକୁ ଜଳରେ ଶିକ୍ତ କରିବାର ଅର୍ଥ ହେଉଛି ଭଗବାନଙ୍କ ଚରଣାରବିନ୍ଦକୁ ପ୍ରକ୍ଷାଳନ କରିବାୟ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଁଙ୍କ ନାମରେ ଗୋଟିଏ ଚାରା ରୋପଣ କରିବା ପାଇଁ ସମସ୍ତଙ୍କୁ ଅନୁରୂପ ସଚେ୍ତନ ଏବଂ ବଣ୍ଟନ କରାଯାଇଥିଲା।

## ରାୟଗଡ ନୂତନ ଜିଲ୍ଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣି ,ଭାପ୍ର.ସେଙ୍କ ଯୋଗଦାନ

ରାୟଗଡ:-(ମହାଭାରତ): ରାୟଗଡରେ ନୂତନ ଜିଲାପାଳ ଭାବେ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି,,ଭାପ୍ର. ସେ. ଯୋଗଦାନ କରିଛନ୍ତି। ବିଦାୟୀ ଜିଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଭୁବନେଶ୍ୱରକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶଶକ୍ତିକରଣ ବିଭାଗକୁ ନିର୍ଦ୍ଦେଶକ ଭାବରେ ବଦଳି ହେବା ପରେ ନୂତନ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିଥିଲେ।ଦାୟିତ୍ୱ ଗ୍ରହଣ କରିବାପରେ ନୂତନ ଜିଲ୍ଲାପାଳଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର,ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ଜିଲ୍ଲା କୋଷକ୍ଷ ଅଧିକାରୀ ଶ୍ରୀମତୀ ମିତୁସ୍ମା ରାଉତ ସମେତ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ ଅଫିସର ମାନେ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ,ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ,ବିଭିନ୍ନ ସଂଘଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ । ନୂତନ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଏହାପୂର୍ବରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ମହାନଗର ନିଗମର କମିଶନର ତଥା ରାଉରକେଲା ସ୍ମାର୍ଟ ସିଟିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବରେ ଗତ ୧୦ ଜାନୁଆରୀ ୨୦୨୪ରୁ ୨୫ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଜିଲ୍ଲାରେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ।ଜିଲ୍ଲାପାଳ କାର୍ଯ୍ୟରେ ଯୋଗଦେଲାପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀ ମାନଙ୍କ ସହିତ ଚିନ୍ତନ କକ୍ଷରେ ବୈଠକ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହାପରେ ଅପରାହ୍ନ ୩. ୦୦ଘଟିକା ସମୟରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସମସ୍ତ ତହସିଲଦାର ମାନଙ୍କ ସହିତ ଆଲୋଚନା କରିଥିଲେ । ନିଜର ପ୍ରଥମ ବୈଠକରେ ସମସ୍ତ ଅଧିକାରୀ ମାନଙ୍କୁ କହିଲେ ଯେ ଆମେ ସମସ୍ତେ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ ସେବା କରିବା ପାଇଁ ଆସିଛୁ । ଜିଲ୍ଲାର ଭାବମୂର୍ତ୍ତି ଅବକ୍ଷ ନକରି ସଜାଡ଼ିବା ଆମ ସମସ୍ତଙ୍କର ଦାୟିତ୍ୱ । କାର୍ଯ୍ୟରେ ଖିଲାପି କରିବେ ନାହିଁ ବୋଲି କହିଥିଲେ।

## ପୋଲିସ କର୍ମଚାରୀ ମନୋରଞ୍ଜନ ସେନାପତିଙ୍କ ପରଲୋକ

ବିଷମକଟକ(ମହାଭାରତ): ବିଷମକଟକ ପୋଲିସ ବିଭାଗର ଜଣେ ଶାନ୍ତ, ସରଳ ଏବଂ ସଚ୍ଚୋଟ ପୋଲିସ କର୍ମଚାରୀ ମନୋରଞ୍ଜନ ସେନାପତିଙ୍କ ପରଲୋକ ଘଟିଛି। ତାଙ୍କର ବିୟୋଗ ସମୟରେ ପରିବାରର ସମସ୍ତ ସଦସ୍ୟ ସହିତ ସାନଭାଇ ସଞ୍ଜୟ ସେନାପତି ମଧ୍ୟ ଉପସ୍ଥିତ ଥିଲେ।ଏହି ଅକାଳ ବିୟୋଗରେ ସମଗ୍ର ଅ□ଳରେ ଶୋକର ଛାୟା ବ୍ୟାପିଯାଇଛି। ତାଙ୍କ ବିୟୋଗରେ ଖବର ଶୁଣି ସ୍ଥାନୀୟ ବିଧାୟକ ନୀଳମାଧବ ହିକକା ଗଭୀର ଦୁଃଖପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

# ରାଜ୍ୟ ମହିଳା ଓ ଶିଶୁ ବିକାଶ ସଚିବଙ୍କ ଆସିକା ଉପଖଣ୍ଡ ଚିକିତ୍ସାଳୟ ଗସ୍ତ



ଆସିକା (ମହାଭାରତ): ମହିଳା ଓ ଶିଶୁ ବିକାଶ ସଚିବ ଶୋଭା ଶର୍ମା ଦୁଇ ଦିନିଆ ଗଞ୍ଜାମ ଗସ୍ତ ରେ ଆସି ଆଜି ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେ ପହଞ୍ଚି ଥିଲେ। ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ବାଲଗୋପାଲ ବେହେରା ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଏହି ସ୍ୱାଗତ ବେଳେ ଆସିକା ତହସିଲଦାର ସଂଗୀତା ସେଣ, ଆସିକା ବିଡ଼ିଓ ଲିପିନା ଦାସ, ଆସିକା ସିଡିପିଓ ଇନ୍ଦିରା ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ପୃଷ୍ଟି ପୁନବାସ ପରିଦର୍ଶନ କରିବା ସହ କେନ୍ଦ୍ର ରେ ଚିକିତ୍ସାଧୀନ ଅପପୃଷ୍ଟି ଶିଶୁ, ଏବଂ ମା ମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସରକାର ଦେଉଥିବା ମାଗଣାରେ ସମସ୍ତ ପରୀକ୍ଷା, ଚିକିତ୍ସା, ଔଷଧ, ପୃଷ୍ଟିକର ଖାଦ୍ୟ ଓ ସେବା ବିଷୟରେ ପଚାରି ବୁଝିଥିଲେ।ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକକିୟ ଡାକ୍ତର ଏବଂ କର୍ମଚାରୀ ସେମାନଙ୍କ ନିମନ୍ତେ ଆବଶ୍ୟକୀୟ ରହିବା କୋଠା, ମେଡିକାଲ ରେ ଆମ୍ବୁଲାନ୍ସ ନଥିବା, ଏକ୍ସରେ ମେସିନ ର ଆବଶ୍ୟକତା, କୀଡୀନି ରୋଗୀଙ୍କ ଡ଼ାଇ ଲେସିସ ରେ ବିଭିନ୍ନ ସମସ୍ୟା ବହୁ ଦିନ ଧରି ବନ୍ଦ ରହିଥିବା. ଅସ୍ତ୍ରୋପଚାର କେନ୍ଦ୍ର ସକାଶେ ତୁରନ୍ତ ନିଶ୍ଚେତକ ଡାକ୍ତର ନିଯୁକ୍ତି ସହ ନିକଟରେ ସର୍ଜରୀ ବିଭାଗରେ ଯୋଗ ଦେଇଥିବା ଡାକ୍ତରଙ୍କୁ ବିଭିନ୍ନ ଜରୁରୀ ଅସ୍ତ୍ରୋପଚାର ସୁବିଧା ଯୋଗାଇଦେବା ପାଇଁ ପ୍ରତିଶୃତି ଦେଇଥିଲେ। ଦୀର୍ଘ ଦିନର ପୁରୁଣା ଏକ୍ସରେ ବଦଳି ଉନ୍ନତ ମାନର ଡିଜିଟାଲ ଏକ୍ସରେ, ସମସ୍ତ ରୋଗରେ ଚିକିତ୍ସା ପାଇଁ ଅଲଟ୍ରାସାଉଣ୍ଡ, ମଡେଲ ଶବ ବ୍ୟବଛେଦ ଗୃହ,ଶବ ବୁହା ଗାଡିସହ ବର୍ଷା ଦିନେ ମେଡିକାଲ ଠାରେ ରହୁଥିବା ଜଳ ନିଷ୍କାସନ ଓ ରାସ୍ତା ନିର୍ମାଣ, ନୂତନ କର୍ମଚାରୀ ଗୃହ ନିର୍ମାଣ ସକାଶେ ସମୀକ୍ଷା କରି ପ୍ରତିଶୃତି ଦେଇଥିଲେ। ଆସିକା ଅ□ଳର ପୁରୁଷ ଓ ମହିଳା ବନ୍ଧ୍ୟା କରଣ ସକାଶେ ଏକ ସ୍ଥାୟୀ କେନ୍ଦ୍ର ଯଥାଶୀଘ୍ର ଖୋଲାଯିବାର ସୂଚନା ଦେଇଥିଲେ। ଶେଷରେ ୧୯୪୮ ପ୍ରତିଷ୍ଠିତ ଏହି ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ରାଜ୍ୟ ସରକାର ଙ୍କ ନିଷ୍ପତ୍ତି ଅନୁଯାୟୀ ବାବନପୁର କୁଷ୍ଠ ନିରାକରଣ କେନ୍ଦ୍ର ସମ୍ମୁଖରେ ଚିହ୍ନିତ ହୋଇଥିବା ସ୍ଥାନରେ ତୁରନ୍ତ ସ୍ଥାନାନତରିତ କରିବାକୁ ନିଷ୍ପତି ହୋଇଥିଲା।ଏହି ଗସ୍ତ ସମୟରେ ଭଞ୍ଜନଗର ଉପ ଜିଲ୍ଲପାଳ ଉମାଶଙ୍କର ବେହେରା, ଗଞ୍ଜାମ ଅତିରିକ୍ତ ଜିଲ୍ଲପାଳ ପ୍ରମୋଦ ପୃଷ୍ଟି,ଏ ଡି ପି ଏଚ ଓ ଏଫ ଡବ୍ଲ୍ୟୁ ଡାକ୍ତର କାମେଶ୍ୱର ରାଓ, ଡେପୁଟି ମେନେଜର ରିପ୍ରଡ଼ାକ୍ଟିଭ ଚାଇଲଡ ହେଲଥ ପ୍ରଶାନ୍ତ କୁମାର ବରାଳ, ବରିଷ୍ଠ ସହାୟକ ପ୍ରଦୀପ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଝାଡଖଣ୍ଡ ମୁକ୍ତିମୋର୍ଚ୍ଚ ତରଫରୁ ବିଭିନ୍ନ ଦାବି ନେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ରାଇରଙ୍ଗପୁର (ମହାଭାରତ): ରାଇରଙ୍ଗପୁର ର ଶିଳ୍ପାୟନ ପାଇଁ ସରକାରୀ ଜମି ଅଧିଗ୍ରହଣ ନିମନ୍ତେ କଣ୍ଡାବଣି,ଆନନ୍ଦପୁର ଏବଂ ଶିଳ୍ପାୟନ ପାଇଁ ସରକାରୀ ଜମି ଅଧିଗ୍ରହଣ ସମସ୍ୟା ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚ ତରଫରୁ ଜିଲ୍ଲା ଉପସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ଆଜି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ପରେ ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରାଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ଯଦାବିଗୁଡିକୁ ହେଲା ୧- ରାଇରଙ୍ଗପୁର ବ୍ଲକର ପୁରୁଣା ପାଣି ପଞ୍ଚାୟତର କଣ୍ଡାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଡ଼ିଓ ଧାନାଇ ଚରଣ ଟୁଡୁଙ୍କ ତ୍ଵାବଧାନରେ ୫ ମ ସିଡ୍ୟୁଲ ଏରିଆରେ ହୋଇଥିବା ପଲ୍ଲିସଭା ସଂପୂର୍ଣ ବେଆଇନ; ଏହି ଅଂଚଳରେ ବାଙ୍କବଳ ଜଳସେଚନ ପ୍ରକଳ୍ପ ଦ୍ୱାରା ହୋଇଥିବା କେନାଲରେ ଦିର୍ଘ ୩୫ ବର୍ଷ ହେଲା ଜଳ ଆସୁନଥିବା ଯୋଗୁଁ ଚାଷୀଙ୍କୁ ଜଳକର ଛାଡ କରିବା ;ପଲ୍ଲିସଭାର ସ୍ୱଚ୍ଛ ଓ ସୁଦୃଢ କରାଇବା; ଆୟୋଜିତ କଣ୍ଡାବଣି ପଲ୍ଲିସଭାରେ ନିରିହ ଆଦିବାସୀଙ୍କୁ ପୋଲିସ ଆକ୍ରମଣର ତଦନ୍ତ କରିବା ଏବଂ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା; କଣ୍ଡାବଣି,ଆନନ୍ଦପୁର ଏଂଦାଣ୍ଡବୋଷ ଜମି ଅଧିଗ୍ରହଣର ସରକାରୀ ଅନୁକମ୍ପା ଲିଖିତ ଭାବରେ ହିତାଧିକାରୀମାନଙ୍କୁ ପ୍ରଦାନ କରିବା ଯାହାକି ନୋଟିସ ରେ ଲେଖା ଥିବ;ଭବିଷ୍ୟତରେ ସେହି ଜମିରେ ଶିଳ୍ପ ପ୍ରତିଷ୍ଠାନ ନ ହେଲେ ମୂଳ ଜମିକୁ ଜମି ହରାଇଥିବା ଲୋକଙ୍କୁ ଫେରାଇଦୋ ଇତ୍ୟାଦି ଯଏହି ବିକ୍ଷୋଭ ରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚ ଜିଲ୍ଲା ପ୍ରବକ୍ତା ସୁନିଲ ମାଝୀ,କେନ୍ଦ୍ରୀୟକମିଟି ସଦସ୍ୟ ସାଲୁ କିସ୍ କୁ ସମେତ ବହୁ ଜେଏମ ଏମ କର୍ମୀ ସାମିଲ ହୋଥିଲେ ।

## ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ

ଗୋଲାମୁଣ୍ଡା,(ମହାଭାରତ): ଆଜି ବ୍ଲକ ସଭାଗୃହ ଠାରେ ବ୍ଲକ ସ୍ତରୀୟ ଶିଶୁ ସୁରକ୍ଷା କମିଟି ଗଠିତ ହୋଇଯାଇଛି । ଏହି କମିଟିର ଅଧ୍ୟକ୍ଷ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ହୋଇଥିବା ବେଳେ କମିଟି ଆବାହକ ଭାବେ ବିଡ଼ିଓ ତ୍ରିପୁରା ମହାନନ୍ଦ, ସିଡ଼ିପିଓ, ବିଇଓ ରାଜେଶ କୁମାର ନାଏକ, ଗଙ୍ଗାବିଷ୍ଣୁ ମୁଣ୍ଡ,ଜୟନ୍ତ କୁମାର ସିଂ,ରାମ ବିଲାସ ସାଗର,ସୁଶାନ୍ତ ମୁଣ୍ଡ ମନୋନୀତ ହୋଇଥିଲେ । ଏହି କମିଟିର କାର୍ଯ୍ୟ ହେଉଛି ବ୍ଲକର ଶିଶୁ ମାନଙ୍କର ସୁରକ୍ଷା ଉପରେ କାମ କରିବା । ଶିଶୁ ମାନେ କିପରି ନିର୍ଯ୍ୟାତିତ ନ ହେବେ ଓ ଅନେକ ଜାଗାରେ ଶିଶୁ ମାନଙ୍କୁ ଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ବାଧ କରାଯାଉ ଥିବାବେଳେ ଏପରି ଶିଶୁ ମାନଙ୍କୁ ଚିହ୍ନଟ କରି ତାଙ୍କୁ ତାଙ୍କର ସୁରକ୍ଷା ପ୍ରଦାନ କରିବ ।ଉକ୍ତ ଅବସରରେ ଜିଲ୍ଲାରୁ ଆସିଥିବା ଶିଶୁ ସୁରକ୍ଷା ସଦସ୍ୟା ରାଜଲକ୍ଷ୍ମୀ ଦାସ ଓ ସାଥୀ ଉପସ୍ଥିତ ଥିବା ଆଙ୍ଗନୱାଡ଼ି,ଆଶାକର୍ମୀ, ନିର୍ବାଚିତ ପ୍ରତିନିଧି,ପୋଲିସ କର୍ମଚାରୀ ମାନଙ୍କୁ ଶିଶୁ ସୁରକ୍ଷା ଦିଗରେ କିଭଳି କାର୍ଯ୍ୟ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଡ଼ିଓ ବିଜୟ କୁମାର ନାଏକ ଓ ଗ୍ରାମ ପଂଚାୟତ ସଂପ୍ରସାରଣ ଅଧିକାରୀ ରମିତି କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।

## ପିତା ମାତା ଙ୍କ ପାଇଁ ପାଣି ଢ଼ାଳିଲେ କୁନି ଶ୍ରବଣ କୁମାର



ଅସ୍ତରଙ୍ଗ (ମହାଭାରତ) :ପୌରାଣିକ କଥା ଅନୁସାରେ ଶ୍ରାବଣ ମାସରେ ପାଣିଭାର ନେଇ ଶିବଙ୍କ ମସ୍ତକରେ ଶୁଭ ଫଳ ମିଳିବା ସହିତ ମନାସିଥିବା ମନସ୍କାମନା ପୂରଣ ହୋଇଥାଏ ସେଇଥି ପାଇଁ ଶ୍ରାବଣ ମାସ ର ପ୍ରତ୍ୟେକ ସୋମବାର ହଜାର ହଜାର କାଉଡିଆ ମାନେ ଶିବ ମନ୍ଦିର ରେ ଜଳ ଲାଗି କରିଥାନ୍ତି। କିନ୍ତୁ ଶ୍ରାବଣ ମାସ ତୃତୀୟ ସୋମବାର ଅସ୍ତରଙ୍ଗ ର ପ୍ରତାପ ବିଶ୍ୱାଳ ଙ୍କ ୧୦ବର୍ଷର ପୁତ୍ର ସାଇରୋଶନ ଠାରେ ଦେଖିବାକୁ ମିଳିଥିଲା ଏକ ନିଆରା ଅନୁଭୂତି ଯାହା ସମାଜ ପାଇଁ ଏକ ମହାନ ବାର୍ତ୍ତା ସେ ନିଜ ପାଇଁ କୌଣସି ମାନସିକ ନ କରି ମାନସିକ କରିଛନ୍ତି ନିଜ ବାପା ମାଆ ଏବଂ ସାନଭଉଣୀ ର ମଙ୍ଗଳ କାମନା କରି, ତ୍ରେତୟା ଯୁଗରେ ନିଜ ପିତା ମାତା ଙ୍କ ପାଇଁ ଶ୍ରବଣ କୁମାର ଙ୍କ ଯେଉଁ ଚରିତ୍ର ସର୍ବଦା ଆଖି ସାମ୍ନା କୁ ଭିନ୍ନ ଭିନ୍ନ ଉପାୟ ରେ ଆସେ କିନ୍ତୁ ଆଜି ଅସ୍ତରଙ୍ଗ ରେ ଜଣେ ୧୦ ବର୍ଷର କୁନି ବାଳକ ନିଜ ପରିବାର ର ସର୍ବ ଆରୋଗ୍ୟ କାମନା କରି ନିଷ୍ଠା ର ସହ ୧୪ କିଲୋମିଟର ପାଖା ପାଖି ପଦଯାତ୍ରା ଆଜି ସମସ୍ତ ଙ୍କୁ ସ୍ତମ୍ଭି ଭୁତ କରିଛି, ଆଜିର ସମାଜ ରେ ଯେତେବେଳେ ଅନେକ ସମୟ ରେ ପିଲା ମାନଙ୍କ ନିର୍ଯ୍ୟାତନା ସହ୍ୟ ନକରି ବାପା ମା ବୃଦ୍ଧ ଶ୍ରମ ରେ ଜୀବନ କାଟୁଛନ୍ତି ମାତ୍ର କେବଳ ଅସ୍ତରଙ୍ଗ ନୁହେଁ ବରଂ ସାରା ଦେଶ ପାଇଁ ସାଇ ରୋସେନ୍ ସୃଷ୍ଟି କରିଛନ୍ତି ନିଆରା ପରିଚୟ, ଯାହାକୁ ଅନେକ ବୁଦ୍ଧିଜୀବୀ ଅସ୍ତରଙ୍ଗ ଶ୍ରାବଣ ର ଶ୍ରବଣ କୁମାର ନାମ ରେ ବିବେଚିତ କରିଛନ୍ତି। କାକଟପୁର ପ୍ରାଚୀ ତଟ ବିଶ୍ୱାମିତ୍ର ଘାଟ ରୁ ପାଣିଆଣି ଅସ୍ତରଙ୍ଗ ପ୍ରସିଦ୍ଧ ଶିବ ମନ୍ଦିର ଗ୍ରାମେଶ୍ୱର ଙ୍କ ନିକଟରେ ଜଳଲାଗି କରିଥିଲେ। ତାଙ୍କର ଏପରି ମାନସିକତା ସମାଜ ପାଇଁ ଏକ ପ୍ରେରଣା ହେବା ସହିତ ସମସ୍ତ ଙ୍କର ପ୍ରଶଂସା ର ପାତ୍ର ହୋଇଛନ୍ତି।

### ଜେଲରେ ବ୍ୟାଙ୍କ୍ ଲୁଟେରାଙ୍କ ଟିଆଇ ପରେଡ୍

# ବାକି ଫେରାର୍ ଥିବା ୪ ଜଣ ଲୁଟେରା ଙ୍କ ସନ୍ଧାନ ପାଉନି ପୁଲିସ







ନୟାଗଡ଼, ( ମହାଭାରତ ) : ସଦର ଥାନା ଅଧୀନ ମାନ୍ଧାତାପୁର ଇଣ୍ଡିଆନ ବ୍ୟାଙ୍କରୁ ହୋଇଥିବା ଲୁଟ୍ ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ପାଞ୍ଚ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଗିରଫ ହୋଇଥିବା ଏ ସମସ୍ତ ଲୁଟେରା ମାନଙ୍କର ଜେଲ୍ ମଧ୍ୟରେ ଟିଆଇ ପରେଡ୍ ଶେଷ ହୋଇଛି। ଘଟଣା ଦିନ ବ୍ୟାଙ୍କରେ ଉପସ୍ଥିତ ଥିବା ସମସ୍ତ କର୍ମଚାରୀ ଏହି ଲୁଟେରା ମାନଙ୍କୁ ଚିହ୍ନିଥିବା ଜଣାପଡ଼ିଛି। ମାତ୍ର ଏହି ମାମଲାରେ ଏବେ ଆହୁରି ୪ ଜଣଙ୍କର ସନ୍ଧାନ ମିଳୁନାହିଁ। ଫେରାର ଥିବା ଏହି ଲୁଟେରା ମାନଙ୍କ ଟେର୍ ସଦର ଥାନା ପୁଲିସ ପାଉନାହିଁ। ବିଶେଷ କରି ଏ ସମସ୍ତ ଘଟଣାର ମାଷ୍ଟର ମାଇଣ୍ଡକୁ ପୁଲିସ ଏ ପର୍ଯ୍ୟନ୍ତ ଗିରଫ କରିବାରେ ସକ୍ଷମ ହୋଇନାହିଁ। ସଦର ଥାନା ପୁଲିସ ଡାଳେଡାଳେ ଗଲେ, ଫେରାର ଥିବା ବ୍ୟାଙ୍କ୍ ଲୁଟେରା ମାନେ ପତ୍ରେପତ୍ରେ ଯାଉଛନ୍ତି। ବୋଧହୁଏ ଅନ୍ୟ ଥାନା ଗୁଡ଼ିକର ସହଯୋଗ ମିଳିନଥିଲେ, ସେଦିନ ସମସ୍ତ ଲୁଟେରା ଜିଲ୍ଲାରୁ ଫେରାର ହୋଇଯାଇଥାନ୍ତେ। ପ୍ରଥମ ଦଫାରେ ୪ ଜଣ ଓ ପରେ ବହୁ କଷ୍ଟରେ ଆଉ ଜଣେ ଲୁଟେରା ଶିବା ଡାକୁଆକୁ ପୁଲିସ ଗିରଫ କରିଛି। ପୂର୍ବରୁ ଗିରଫ ହୋଇଥିବା ଜଗତସିଂହପୁର ଜିଲ୍ଲାର ସାଗର ମହାରଣା, ଦଶପଲ୍ଲା ଥାନା ଅଧୀନ ଭୋଗରା ଗାଁର ପ୍ରମୋଦ ନାୟକ, ଇଟାମାଟି ଥାନା ଅଧୀନ ଲାଠିପଡ଼ା ଗାଁର କା□ିକ ବରାଡ଼ ଓ ସଦର ଥାନା ଅଧୀନ [illegible] ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ପୃଷ୍ଟିଙ୍କ ଠାରୁ ଗୋଟିଏ ବନ୍ଧୁକ ଓ ପ୍ରାୟ ଏକୋଇଶି ଲକ୍ଷ ଟଙ୍କା ଜବତ କରିଥିଲା। ପଛରେ ଗିରଫ ହୋଇଥିବା ଶିବାଠାରୁ ଟଙ୍କା ଜବତ ହୋଇନଥିବା ବେଳେ ଆଉ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ରାଜଧାନୀରେ ରହି ଗ୍ୟାଙ୍ଗ ଚଳାଇଥିବା ଏହି ଲୁଟେରା ମାନଙ୍କର ମୂଳ ପର୍ଯ୍ୟନ୍ତ ପୁଲିସ ପହଞ୍ଚିପାରୁନାହିଁ। ଯଦିଓ ଫେରାର ଥିବା ସମସ୍ତ ଲୁଟେରା ଙ୍କୁ ପୁଲିସ ଚିହ୍ନଟ କରିସାରିଛି, ସେମାନଙ୍କ ନିକଟରେ ବର୍ତ୍ତମାନ ସୁଦ୍ଧା ପହଞ୍ଚି ପାରିନାହିଁ। ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ସେମାନେ ଆଡ୍ଡା ଜମାଉଥିବା ସ୍ଥାନ ଗୁଡ଼ିକ ଉପରେ ପୁଲିସ କଡ଼ା ନଜର ରଖିଥିଲେ ମଧ୍ୟ ସେମାନଙ୍କୁ କବ୍ଜାକୁ ନେବା ପାଇଁ ସକ୍ଷମ ହୋଇନାହିଁ। ଯେହେତୁ ଏହି ଲୁଟେରା ମାନେ ସମ୍ପୂର୍ଣ୍ଣ ପେଷାଦାର, ତେଣୁ ସେମାନେ ପୁଲିସକୁ ଚକ୍ରମା ଦେବାକୁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରୁଛନ୍ତି। ଭୁବନେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ୨୦ରୁ ଅଧିକ ମାମଲା ରହିଛି। ପୁଲିସର ପ୍ରତ୍ୟେକ ପଦକ୍ଷେପ ସମ୍ପର୍କରେ ସେମାନଙ୍କୁ ମଧ୍ୟ ଭଲ ଭାବେ ଜଣାୟ ଏଣୁ ପୁଲିସ ସହ ସେମାନଙ୍କୁ ଲୁଚକାଳି ଖେଳିବା ବହୁତ ସହଜ ହେଉଥିବା ଜଣାପଡ଼ୁଛି। ଏ ନେଇ ଥାନା ଇନ୍ସପେକ୍ଟର ଶରତଚନ୍ଦ୍ର ସେଠୀ କୁହନ୍ତି ଯେ, ସମସ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଏ ନେଇ ସ୍ୱତନ୍ତ୍ର ଭାବେ ଯୋଜନା କରାଯାଇଛି। ଯେହେତୁ ସେମାନେ ଅଲଗା ଅଲଗା ହୋଇ ବିଭିନ୍ନ ସ୍ଥାନରେ ବୁଲୁଛନ୍ତି, ଏକାଠି ଏହି ଲୁଟେରା ମାନଙ୍କୁ ଗିରଫ କରିବା ସମ୍ଭବ ହେଉନାହିଁ। ତଥାପି ପୁଲିସ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ

ଗୋଲାମୁଣ୍ଡା,(ମହାଭାରତ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ନେତୃତ୍ୱରେ ସୋମବାର ରେଙ୍ଗସାପାଲି ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୭୮ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୨ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା । ରାଜ୍ୟ ତଥା ମୋହନ ସରକାର ଓ କେନ୍ଦ୍ର ତଥା ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ର ସୁବିଧା ପ୍ରତି ଗାଁ ଗାଁ ବସ୍ତି ପଡା ପଡା ରେ ପହଞ୍ଚାଇବା ଆମ ପ୍ରଶାସନ ର ଉଦ୍ଦେଶ୍ୟ ବୋଲି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ,ବିଡ଼ିଓ ତ୍ରିପୁରା ମହାନନ୍ଦ,ବିଇଓ ରାଜେଶ ନାଏକ,ସରପଞ୍ଚ ରଜନୀ ବୁଦ୍ଧିଆ, ସମିତି ସଭ୍ୟା ସଂଗୀତା ଯାନୀ, ସହକାରୀ ଯନ୍ତ୍ରୀ ଚିତ୍ତ୍ ରଂଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ପିତାମ୍ବର ନାଏକ,ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ,ରାଜସ୍ୱ ନିରୀକ୍ଷକ କ୍ଷମା ନିଧି ନାଏକ, ମହିଳା ପରିଦର୍ଶିକା ମଞ୍ଜୁଲତା ପଟ୍ଟନାୟକ, ଯୋଗାଣ ବିଭାଗ ରୁ ରୁପେଶ ବେମାଲ,ଜନ ମଙ୍ଗଳ ବିଭାଗରୁ ସୁନୀଲ କୁମାର ରାଉତ, ଏପିଓ କ୍ଷେତ୍ର ମୋହନ ମାଝୀ,ପାନୀୟ ଜଳ ବିଭାଗ ରୁ ରିତା ରାଣୀ କିଷାନ, ଏସବିଏମ ବିଭାଗ ରୁ ନିତ୍ୟା ତାଣ୍ଡି, ଜନ ଶୁଣାଣି ବିଭାଗ ରୁ ନନ୍ଦିନୀ ଶବର ସମେତ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଓ ରେଙ୍ଗସାପାଲି ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।





# ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ନୟାଗଡ଼, ( ମହାଭାରତ ) : ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ଆଜି ନୟାଗଡ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସାମ୍ବାଦିକ ସୁରକ୍ଷା ଆଇନ, ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ପେନସନ ଲାଗୁ କରିବା, ସ୍ୱାସ୍ଥ୍ୟ ବୀମାକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ସହ ଏଥିରେ ପିତା ମାତା ଏବଂ ୨୫ବର୍ଷରୁ ଉର୍ଦ୍ଧ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ସାମିଲ କରିବା ନେଇ ଦାବି କରାଯାଇଛି । ଦେଶର ୧୮ଟି ରାଜ୍ୟରେ ସାମ୍ବାଦିକ ପେନସନ୍ ଯୋଜନାରେ ୧୫ହଜାରଟଙ୍କା ଦିଆଯାଉଥିବା ବେଳେ ଓଡିଶାରେ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ଦାବି କରାଯାଇଛି । ଆୟୁଷ୍ମାନ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରାଯାଇଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ଜନଶୁଣାଣି ଶିବିରଠାରେ ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟ ମାନେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ନୟାଗଡ଼ ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଓଡ଼ଗାଁ ଶାଖା ସଭାପତି ଅଶୋକ କୁମାର ମହାପାତ୍ର, ସମ୍ପାଦକ ଗଣେଶ୍ୱର ସାହୁ, କୋଷାଧ୍ୟକ୍ଷ ସାରସ କୁମାର ମିଶ୍ରଙ୍କ ସମେତ ଜିଲ୍ଲା ଓ ବ୍ଲକ ଶାଖାର ବହୁ ସଦସ୍ୟ ସାମିଲ ହୋଇଥିଲେ।

## ବର୍ଷା ପାଣିରେ ଭାସୁଛି ଦିଲ୍ଲୀ



ନୂଆଦିଲ୍ଲୀ : ବର୍ଷାରେ ବେହାଲ ରାଜଧାନୀ ଦିଲ୍ଲୀ । ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସହ ଟ୍ରାଫିକ ସମସ୍ୟା ଉପୁଜିଛି। ଦିଲ୍ଲୀ ଏନସିଆରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହିଛି । ମାତ୍ର ଅଧଘଣ୍ଟା ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ରାସ୍ତାରେ ପାଣି ଜମିରହିଥିବାରୁ ଯାତାୟତ ପ୍ରଭାବିତ ହୋଇଛି । ସକାଳୁ ସକାଳୁ ପ୍ରବଳ ବର୍ଷା ଯୋଗୁଁ ଅଫିସ ଯିବାକୁ ଲୋକମାନେ ବିଭିନ୍ନ ସମସ୍ୟା ଭୋଗିଛନ୍ତି । ଆଇଟିଓ, ଧୋଲାକୁଆଁ, ନାରାୟଣା, ପଟେଲ ନଗର, ବିଜୟ ଛକ, ଆରକେ ପୁରମ, ଲାଜପତ ନଗର, ତାଲକଟୋରା ରୋଡ ଅଞ୍ଚଳରେ ପାଣିରେ ଭରି ରହିଛି । ଆଗାମୀ କିଛି ଘଣ୍ଟା ମଧ୍ୟ ପ୍ରବଳ ବର୍ଷା ଜାରି ରହିପାରେ । ତେଣୁ ଦିଲ୍ଲୀର ଅଧିକାଂଶ ଅଞ୍ଚଳ ପାଇଁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଝଡ଼ ପବନ ସହ ଖରାପ ପାଗ ଯୋଗୁଁ ଏକାଧିକ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଆଗକୁ ବିମାନ ଚଳାଚଳ ପ୍ରଭାବିତ ହେବା ନେଇ ଯାତ୍ରୀଙ୍କ ପାଇଁ ଗାଇଡଲାଇନ ଜାରି କରିଛନ୍ତି ଏୟାରଲାଇନ୍ସ । ଇଣ୍ଡିଗୋ ଏକ୍ସରେ ପୋଷ୍ଟ କରି ଯାତ୍ରୀମାନଙ୍କୁ ସୂଚନା ଦେଇଛି । ସେହିଭଳି ସ୍ପାଇସଜେଟ ମଧ୍ୟ ଟ୍ରାଭେଲ ଆଡଭାଇଜରି ଜାରି କରିଛି । କେବଳ ଦିଲ୍ଲୀ ନୁହେଁ ଉତ୍ତର ଭାରତରେ ପ୍ରବଳ ବର୍ଷା ଆଲର୍ଟ ରହିଛି । ପାଣିପାଗ ବିଭାଗ ଅଗଷ୍ଟ ୪ ତାରିଖ ଯାଏଁ ବର୍ଷା ସମ୍ଭାବନା ରହିଛି ବୋଲି ସୂଚନା ଦେଇଛି ।

## ଆମେରିକାରେ ବଢୁଛି ଅପରାଧ

ଆମେରିକା : ପୁଣି ଗୁଳିମାଡ଼ରେ ଥରିଛି ଆମେରିକା । ମଙ୍ଗଳବାର ଭୋରୁ ନ୍ୟୁୟର୍କରେ ଭୟଙ୍କର ଗୁଳିକାଣ୍ଡରେ ୫ଜଣଙ୍କ ମୃତ୍ୟୁ ହେବା ସହ ୧୦ରୁ ଅଧିକ ଆହତ ହୋଇଛନ୍ତି । ଘଟଣାରେ ଜଣେ ପୁଲିସ ଅଧିକାରୀଙ୍କ ସହ ୪ ଜଣଙ୍କ ମୃତ୍ୟୁ ହେବା ସହ ପାଲଟା ଗୁଳିଚାଳନାରେ ସୁଟର ନିପାତ ହୋଇଛି । ସୁଟର ଜଣଙ୍କ ଲାସ ଭେଗାସର ୨୭ ବର୍ଷୀୟ ସେନ ତାମୁରା । ବୁଲେଟ ପ୍ରୁଫ୍ ପୋଷାକ ପିନ୍ଧିଥିବା ବେଳେ ଏଆର ଷ୍ଟାଇଲ ରାଇଫଲ ଧରି ମନହାଟନରେ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଗୁଳି ଚଳାଇଥିଲେ। ତେବେ ଆମେରିକାରେ ଦିନକୁ ଦିନ ବଢୁଛି ଗୁଳିକାଣ୍ଡ ଘଟଣା । କେବେ ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ ଗୁଳିମାଡ ତ ପୁଣି କେବେ ରେସ୍ତୋରାଁରେ ଆଖିବୁଜା ଗୁଳିବର୍ଷା । କେବେ ଭାରତୀୟଙ୍କୁ ବିଚ ରାସ୍ତାରେ ହତ୍ୟା ତ ପୁଣି କେବେ ଜନଗହଳି ପୂର୍ଣ୍ଣ ଅଞ୍ଚଳରେ ଗୁଳିଫୁଟୁଛି ଓ ଦ୍ରୁତ ଗତିର ଟ୍ରକ ମାଡ଼ିଯାଉଛି । ଦୁନିଆର ସବୁଠୁ ଶକ୍ତିଶାଳୀ, ସୁରକ୍ଷିତ ଓ ସମୃଦ୍ଧଶାଳୀ ଦେଶ ବୋଲାଉଥିବା ଆମେରିକାରେ ଯେଉଁଭାବରେ ଗୁଳିକାଣ୍ଡ ଘଟଣା ବଢୁଛି ତାହା ଯେତିକି ଚିନ୍ତାଜନକ ସେତିକି ପ୍ରଶ୍ନ ମଧ୍ୟ ସୃଷ୍ଟି କରୁଛି । ଆମେରିକାରେ ଜନସଂଖ୍ୟାଠୁ ବନ୍ଧୁକ ସଂଖ୍ୟା ଅଧିକ । ଏଠାରେ ବନ୍ଧୁକ ରଖିବା ଲୋକଙ୍କର ସାମ୍ବିଧାନିକ ଅଧିକାର। ଦୋକାନ ବଜାରରେ ବନ୍ଧୁକ ବିକ୍ରି ହୁଏ। ପ୍ରତି ସପ୍ତାହାନ୍ତରେ ବନ୍ଧୁକ ପ୍ରଦର୍ଶନୀ ଅନୁଷ୍ଠିତ ହୁଏ। ସେଠାରେ ୱାଲମାର୍ଟ ଭଳି ବଡ଼ କମ୍ପାନିର ଷ୍ଟୋର୍ରରୁ ଆରମ୍ଭ କରି ଛୋଟ ଦୋକାନ ପର୍ଯ୍ୟନ୍ତ ବନ୍ଧୁକ ବିକ୍ରି ହୁଏ । ଗନ କଲଚର ପାଇଁ ୫୦ ବର୍ଷ ମଧ୍ୟରେ ୧୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇସାରିଛି । ଏଠି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେଉଁ ରାଷ୍ଟ୍ରରେ ଦିନରାତି ସବୁ ସମୟ ଅସୁରକ୍ଷିତ ସେହି ଦେଶରେ ଗନ କଲଚର କାହିଁକି ବନ୍ଦ କରାଯାଉନି ? ଅନ୍ୟଦେଶକୁ ବିପଦପୂର୍ଣ୍ଣ କହି ସେଠାକୁ ନଯିବାକୁ କହୁଛନ୍ତି ଆମେରିକା ରାଷ୍ଟ୍ରପତି କିନ୍ତୁ ନିଜ ଦେଶବାସୀଙ୍କ ସୁରକ୍ଷା ପାଇଁ କାହିଁକି କଠୋର ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ।

# ବ୍ରହ୍ମପୁତ୍ର ନଦୀ ଉପରେ ଡ୍ୟାମ ନୁହେଁ ୱାଟର ବମ୍ ବନାଉଛି ଚୀନ



ଚୀନ ତିବ୍ବତ ଦେଇ ପ୍ରବାହିତ ହେଉଥିବା ବ୍ରହ୍ମପୁତ୍ର ନଦୀର ଉପରମୁଣ୍ଡରେ ଏକ ଡ୍ୟାମ ନିର୍ମାଣ କରୁଛି । ଏହି ଡ୍ୟାମର ନିର୍ମାଣ ଗ୍ରେଟ୍ ବ୍ୟାଣ୍ଡ ନାମକ ଏକ ସ୍ଥାନରେ ଚୀନ କରୁଛି । ଏହି ଠାରୁ ବ୍ରହ୍ମପୁତ୍ର ନଦୀ ଏକ ବଡ଼ ମୋଡ଼ ନେଇ ଅରୁଣାଚଳ ପ୍ରଦେଶ ଦେଇ ଭାରତକୁ ପ୍ରବେଶ କରୁଛି । ଏହି କ୍ଷେତ୍ରରେ ଏହି ନଦୀ ସିୟାଙ୍ଗ ନାମରେ ପରିଚିତ । ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପ୍ରେମା ଖାଣ୍ଡୁ ଏହି ଡ୍ୟାମକୁ ଭାରତ ପାଇଁ ବଡ଼ ବିପଦ ବୋଲି କହିଛନ୍ତି । ସେ କହିଛନ୍ତି କି, ଯଦି କେବେ ଚୀନ ଅଚାନକ ଏହି ଡ୍ୟାମରୁ ପାଣି ଛାଡେ ତେବେ ପୂରା ସିୟାଙ୍ଗ କ୍ଷେତ୍ର ପାଣିରେ ବୁଡ଼ିଯିବ । ଏହି ଡ୍ୟାମ୍ ନୁହେଁ ବରଂ ଏକ ୱାଟର ବମ୍ ବୋଲି କହିଛନ୍ତି ପ୍ରେମା ଖାଣ୍ଡୁ । ସେ ଆହୁରି ଚିନ୍ତା ପ୍ରକଟ କରିଛନ୍ତି କି, ଏହି ଡ୍ୟାମ ନିର୍ମାଣ ହେବା ଫଳରେ ଆଗାମୀ ଦିନରେ ବ୍ରହ୍ମପୁତ୍ର ଓ ସିୟାଙ୍ଗ ନଦୀର ଜଳସ୍ତର କମିଯିବ । ଏହା ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ଉପରେ ଗମ୍ଭୀର ପ୍ରଭାବ ପକାଇବ । ସେପଟେ କିଛି ବିଶେଷଜ୍ଞଙ୍କ ମତ ହେଉଛି ଏହି ଡ୍ୟାମ୍ ଏକ ଭୂକମ୍ପ ସମ୍ବେଦନଶୀଳ ଅଞ୍ଚଳରେ ନିର୍ମାଣ ହେଉଛି । ଯଦି କେତେବେଳେ ଭୂସ୍ଖଳନ କିମ୍ବା ଭୂମିକମ୍ପ ଆସେ ତେବେ ଏହି ଡ୍ୟାମ୍ ଭାଙ୍ଗିଯିବ । ଫଳରେ ତଳିଆ ଅଞ୍ଚଳ ସର୍ବାଧିକ କ୍ଷତି ସହିବ । ଏହାସହ ଏହା ସ୍ଥାନୀୟ ପରିବେଶ ସନ୍ତୁଳନକୁ ବି ବିଗାଡ଼ି ପାରେ । ଅନ୍ୟପଟେ ଏହି ପ୍ରସଙ୍ଗରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କିଛି ଅଲଗା କଥା କହିଛନ୍ତି । ସେ କହିଛନ୍ତି କି, ବ୍ରହ୍ମପୁତ୍ର ନଦୀ ଏକ ବିଶାଳ ନଦୀ । ଏହା କେବଳ ତିବ୍ବତ ନୁହେଁ ବରଂ ଭୂଟାନ, ଅରୁଣାଚଳ ଓ ଆସାମର ବର୍ଷା ପାଣିରେ ଭରିଯାଏ । ଯଦି ଚୀନ ପାଣି ଅଟକାଇଦିଏ ତେବେ ଏହା ଆସାମରେ ବାରମ୍ବାର ଆସୁଥିବା ବନ୍ୟାକୁ ରୋକି ପାରିବ । ଏହାସହ ସେ କହିଛନ୍ତି କି, ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଚୀନ ସହ ଆଲୋଚନା କରିବା ନିହାତି ଜରୁରି । ଭାରତ ସରକାର ଚୀନର ଏହି ଡ୍ୟାମ୍ ନିର୍ମାଣକୁ ନେଇ କୌଣସି ଔପଚାରିକ ବୟାନ ଦେଇନାହାଁନ୍ତି । ହେଲେ ସରକାର କହିଛନ୍ତି କି, ଏଡି ଯୋଜନା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଓ ଚୀନ ସହ ଏନେଇ ଆଲୋଚନା ହୋଇଛି । ଭାରତର ବିଦେଶ ମନ୍ତ୍ରଣାଳୟ କହିଛି କି, ଚୀନକୁ ଏଭଳି କାମରେ ପାରଦର୍ଶିତା ରଖିବା ଦରକାର ଓ ବାଂଲାଦେଶ ଭଳି ବ୍ରହ୍ମପୁତ୍ର ତଳ ଭାଗରେ ଥିବା ଦେଶମାନଙ୍କ ସହ ଚୀନ ଆଲୋଚନା କରିବା ଦରକାର । ଏହି ପ୍ରସଙ୍ଗରେ ଚୀନ କହିଛି, ଏହି ପରିଯୋଜନା ପୁରା ଚୀନର ସଂପ୍ରଭୂତା କ୍ରମରେ କରାଯାଉଛି । ଏହାସହ ଚୀନ ଭାରତ ଓ ବାଂଲାଦେଶ ସହ ବନ୍ୟା ନିୟନ୍ତ୍ରଣ ଓ ଜଳସ୍ତର ନେଇ ସହଯୋଗ ଜାରି ରହିବ । ଭାରତ ବି ଏଭଳି ସ୍ଥିତିରୁ ମୁକୁଳିବା ପାଇଁ କିଛି ରଣନୀତି ପ୍ରସ୍ତୁତ କରିଛି । ଅରୁଣାଚଳ ପ୍ରଦେଶ ଦେଇ ପ୍ରବାହିତ ହେଉଥିବା ସିୟାଙ୍ଗ ନଦୀର ଉପରମୁଣ୍ଡରେ ସିୟାଙ୍ଗ ପରିଯୋଜନା ନାମରେ ଏକ ଡ୍ୟାମ୍ ନିର୍ମାଣ କରିବାକୁ ଯୋଜନା କରିଛି । ଏହି ଡ୍ୟାମ୍ କେବଳ ବିଜୁଳି ଉତ୍ପାଦନ କରିବ ନାହିଁ ବରଂ ଯଦି ଚୀନ ପାଣି ଛାଡିଦିଏ କିମ୍ବା ବନ୍ଦ କରିଦିଏ ତେବେ ଏହି ବନ୍ଧ ସୁରକ୍ଷା କବଚ ହେବ । ହେଲେ ଭାରତ ସରକାରଙ୍କ ଏହି ପରିଯୋଜନାକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି ।

## ହିମାଚଳ ପ୍ରଦେଶ ତାଣ୍ଡବ ରଚିଛି ବର୍ଷା



ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶରେ ପୁଣି ବାଦଲଫଟା ବର୍ଷା। ଆଜି ସକାଳୁ ମଣ୍ଡିରେ ବର୍ଷା ଲାଗିରହିଛି । ଫଳରେ ହଠାତ ବନ୍ୟା ଯୋଗୁଁ ପୋଲ ଭାସିଯାଇଛି । ଭୂସ୍ଖଳନ ଯୋଗୁ ମାଟିରେ ୫୦ ଗାଡ଼ି ଦବିଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ପହଞ୍ଚିଛି ରେସକ୍ୟୁ ଟିମ୍ । ଫ୍ଲାସ ଫ୍ଲଡ ପାଇଁ ୯ ଜିଲ୍ଲାକୁ ୨୪ ଘଣ୍ଟା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି । ମଣ୍ଡି, ଚମ୍ବା, କୁଲୁ, କାଙ୍ଗଡା, ବିଳାସପୁର, ହମିରପୁର, ସୋଲନ, ସିମଲା ଏବଂ ସିରମୋରକୁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୩ ଜଣଙ୍କ ମୃତ୍ୟୁ ହୋଇଛି । ଗତ ୨୪ ଘଣ୍ଟାରେ ଆଉ ୩ ଜଣଙ୍କ ମୃତ୍ୟୁ ଘଟିଛି । ଆଜିବି ସିମଲା ସମେତ ୧୦ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ପ୍ରବଳ ବର୍ଷା ଯୋଗୁ ବ୍ୟାସ ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଫଳରେ କାରସୋଗ, ଧରମପୁର, ପାଣ୍ଡୋହ ଏବଂ ଥୁନାଗ ଅଞ୍ଚଳରେ ବନ୍ୟାପାଣି ପଶିବାରୁ ଜଳମଗ୍ନ ହୋଇଛି ଅନେକ ଅଞ୍ଚଳ । ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଲୋକଙ୍କ ଘରେ ପାଣି ପିଶିବାରୁ ଅନେକ କ୍ଷତି ହୋଇଛି । ଭୂସ୍ଖଳନ ଓ ବନ୍ୟା ଯୋଗୁ ହିମାଚଳ ପ୍ରଦେଶର ୧୨୯ ସ୍ଥାନରେ ରାସ୍ତା ଅବରୋଧ ହୋଇଛି । ଚଣ୍ଡିଗଡ-ମନାଲି ଏବଂ ପଠାନକୋଟ-ମଣ୍ଡି ରାସ୍ତା ବନ୍ଦ ରହିଛି ।

## ଦିଦିଙ୍କୁ ବଞ୍ଚାଇଦେଲେ ସୁପ୍ରିମ୍‌କୋର୍ଟ

ପଶ୍ଚିମବଙ୍ଗ : ପଶ୍ଚିମବଙ୍ଗ ସରକାରଙ୍କୁ ଆଶ୍ୱସ୍ତି ଦେଇ ସୁପ୍ରିମ୍ ?କୋର୍ଟ ଜୁନ୍ ୧୭ କଲିକତା ହାଇକୋର୍ଟଙ୍କ ରାୟ ଉପରେ ରୋକ୍ ଲଗାଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ରାମକ୍ରିଷ୍ଣନ ଗବାଇ, ଜଷ୍ଟିସ କେ ବିନୋଦ ଚନ୍ଦ୍ରନ ଓ ଜଷ୍ଟିସ ଏନ୍ ?ଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନର ଶୁଣାଣି କରି କହିଛନ୍ତି ଯେ ପ୍ରାଥମିକ ଦୃଷ୍ଟିରୁ ହାଇକୋର୍ଟଙ୍କ ଆଦେଶ ଭୁଲ୍ ? ମନେ ହେଉଛି । ଯଦି ଉଭୟ ପକ୍ଷ ଚାହିଁବେ ତେବେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହି ମାମଲାର ନିଷ୍ପତ୍ତି ନେବା ପାଇଁ ଏକ ନୂତନ ଖଣ୍ଡପୀଠ ଗଠନ କରିବାକୁ ସେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିବେ ବୋଲି ପ୍ରଧାନ ବିଚାରପତି ପରାମର୍ଶ ଦେଇଛନ୍ତି । ଏହା ପୂର୍ବରୁ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କ ଯୁକ୍ତିକୁ ଗ୍ରହଣ କରି କହିଥିଲେ, ଏହା ଆଶ୍ଚର୍ଯ୍ୟଜନକ । ହାଇକୋର୍ଟ କେମିତି ଏଭଳି ନିର୍ଦ୍ଦେଶ ଦେଇପାରିବେ ? ସଂରକ୍ଷଣ ନିୟମିତ ପ୍ରାଶାସନିକ କାର୍ଯ୍ୟର ଏକ ଅଂଶ । ଶିକ୍ଷକ ଓ ଅନ୍ୟମାନଙ୍କ ନିଯୁକ୍ତିରେ ବାଧା ସୃଷ୍ଟି ହୋଇଥିବା ଦର୍ଶାଇ ହାଇକୋର୍ଟଙ୍କ ଆଦେଶ ଉପରେ ରୋକ୍ ଲଗାଇବାକୁ ସିବଲ ଦାବି କରିଥିଲେ । ପ୍ରତିପକ୍ଷଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରଞ୍ଜିତ କୁମାର ଓ ଗୁରୁ କୃଷ୍ଣକୁମାର ହାଇକୋର୍ଟଙ୍କ ଆଦେଶ ଉପରେ ରୋକ୍ ଲଗାଇବା ଆବେଦନକୁ ବିରୋଧ କରିଥିଲେ । କୃଷ୍ଣକୁମାର କହିଛନ୍ତି ଯେ କାର୍ଯ୍ୟନିର୍ବାହୀ ଆଦେଶ ଦ୍ୱାରା ସଂରକ୍ଷଣ ପ୍ରଦାନ କରିବା ପାଇଁ ରାଜ୍ୟ ସ୍ୱାଧୀନ କିନ୍ତୁ ଏଥିରେ ଆଇନଗତ ଢାଞ୍ଚା ପାଳନ କରିବାକୁ ପଡ଼ିବ । ବିନା ତଥ୍ୟରେ ନୂଆ ଓବିସି ତାଲିକା ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି । ତେବେ ରାଜ୍ୟ ପଛୁଆ ବର୍ଗ କମିସନଙ୍କ ନୂଆ ସର୍ଭେ ଓ ରିପୋର୍ଟ ଆଧାରରେ ଏହି ନୂଆ ତାଲିକା ପ୍ରସ୍ତୁତ କରାଯାଇଛି ବୋଲି ସିବଲ କହିଛନ୍ତି । ଓବିସି-ଏ ଓ ଓବିସି-ବି ବର୍ଗରେ ୧୪୦ଟି ଉପବିଭାଗରେ ସଂରକ୍ଷଣ ସଂକ୍ରାନ୍ତରେ ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବାକୁ ହାଇକୋର୍ଟଙ୍କ ଖଣ୍ଡପୀଠ ଜୁନ୍ ୧୭ରେ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାର କାର୍ଯ୍ୟନିର୍ବାହୀ ବିଜ୍ଞପ୍ତି ମାଧ୍ୟମରେ ଓବିସି-ଏ ଅଧୀନରେ ୪୯ଟି ଉପବିଭାଗ ଏବଂ ଓବିସି-ବି ବର୍ଗରେ ୯୧ଟି ଉପବିଭାଗକୁ ଅନ୍ତର୍ଭୁକ୍ତ କରିଛନ୍ତି । ଓବିସି-ଏ ଅଧୀନରେ ଅଧିକ ପଛୁଆ ବର୍ଗର ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ କମ୍ ପଛୁଆ ବର୍ଗ ଓବିସି-ବି ଅଧୀନରେ ଆସୁଛନ୍ତି ।

# ପୁଟିନ୍‌ଙ୍କୁ ଡେଡ୍‌ଲାଇନ୍ ଦେଲେ ଡୋନାଲ୍ଡ ଟ୍ରମ୍ପ




ରୁଷ : ପୁଟିନ୍‌ଙ୍କୁ ଡେଡ୍‌ଲାଇନ୍ ଦେଲେ ଡୋନାଲ୍ଡ ଟ୍ରମ୍ପ । ୫୦ ପରିବର୍ତ୍ତେ ୧୦/୧୨ ଦିନରେ ନିଷ୍ପତ୍ତି ନେବାକୁ ପୁଟିନ୍‌ଙ୍କୁ କହିଲେ ଟ୍ରମ୍ପ । ୟୁକ୍ରେନରେ ଅସ୍ତ୍ରବିରତି ଲାଗି ରାଜି ହେବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ପାଇଁ ନିଜର ପୂର୍ବର ସମୟସୀମାକୁ ହ୍ରାସ କରିଛନ୍ତି । ଏହି ସମୟସୀମାକୁ ସେ ୫୦ ଦିନରୁ 'ପ୍ରାୟ ୧୦ କିମ୍ବା ୧୨ ଦିନ'କୁ ହ୍ରାସ କରିଛନ୍ତି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେୟର୍ ଷ୍ଟାର୍ମରଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଛନ୍ତି ଯେ ଶାନ୍ତି ପ୍ରୟାସରେ ଅଗ୍ରଗତି ହେଉ ନ ଥିବାରୁ ସେ ଆଉ ଅପେକ୍ଷା କରିବାର କାରଣ ଦେଖୁନାହାନ୍ତି । ମୁଁ ଏବେ ୧୦ କିମ୍ବା ୧୨ ଦିନ ପର୍ଯ୍ୟନ୍ତ ଏକ ନୂଆ ଡେଡ୍‌ଲାଇନ୍ ତିଆରି କରିବାକୁ ଯାଉଛି। ଅପେକ୍ଷା କରିବାର କୌଣସି କାରଣ ନାହିଁ । ଏହା ୫୦ ଦିନ ଥିଲା, ମୁଁ ଉଦାର ହେବାକୁ ଚାହୁଁଥିଲି, କିନ୍ତୁ ଆମେ କୌଣସି ଅଗ୍ରଗତି ଦେଖୁନାହୁଁ । ମସ୍କୋ ଉପରେ ଚାପ ବଢ଼ାଇବା ପାଇଁ ଟ୍ରମ୍ପ ଚାହୁଁଛନ୍ତି । ପୁଟିନଙ୍କ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟରେ ଏହି ମନ୍ତବ୍ୟ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି, ଯାହାଙ୍କ ସହିତ ସେ ପୂର୍ବରୁ ଭଲ ସମ୍ପର୍କ ଥିବା ଦାବି କରିଛନ୍ତି । ଚଳିତ ମାସ ପ୍ରାରମ୍ଭରେ ଟ୍ରମ୍ପ ୟୁକ୍ରେନରେ ଆକ୍ରମଣ ବନ୍ଦ କରିବା ପାଇଁ ରୁଷ୍‌କୁ ୫୦ ଦିନର ସମୟ ଦେଇଥିଲେ ଏବଂ ଏହାକୁ ପାଳନ ନ କଲେ ଗୁରୁତର ଅର୍ଥନୈତିକ ପରିଣାମ ଭୋଗିବାକୁ ଚେତାବନୀ ଦେଇଥିଲେ । ରୁଷ୍ ?ର ତେଲ ଓ ଅନ୍ୟ ଜିନିଷ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦% ଶୁଳ୍କ ଲାଗୁ କରିବାକୁ ସେ ଧମକ ଦେଇଛନ୍ତି । ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରମାନେ ଏଭଳି କ୍ରୟକୁ ରୁଷ୍‌ର ଯୁଦ୍ଧ ପ୍ରୟାସକୁ ପରୋକ୍ଷ ସମର୍ଥନ ବୋଲି ବିବେଚନା କରନ୍ତି । ଏହି ଚେତାବନୀ ସତ୍ତ୍ୱେ ରୁଷ୍ କିଛି ସପ୍ତାହ ମଧ୍ୟରେ ୟୁକ୍ରେନର ସହରଗୁଡ଼ିକ ଉପରେ ଭାରୀ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଜାରି ରଖିଛି ।

## କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ

ନୂଆଦିଲ୍ଲୀ : ଭାରତୀୟ ସେନା ଅଧିକାରୀ କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହ ଉପଯୁକ୍ତ ସାର୍ବଜନୀନ କ୍ଷମା ପ୍ରାର୍ଥନା କରିବାରେ ବିଫଳ ହୋଇଥିବାରୁ ସୁପ୍ରିମ୍‌କୋର୍ଟ ତାଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଏହି ବ୍ୟକ୍ତି ଜଣକ ଆମର ଧୈର୍ଯ୍ୟ ପରୀକ୍ଷା କରୁଛନ୍ତି । ଏଭଳି ଅନ୍‌ଲାଇନ୍ କ୍ଷମାପ୍ରାର୍ଥନା ତାଙ୍କ ଉଦ୍ଦେଶ୍ୟକୁ ଦର୍ଶାଉଛି ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଶାହଙ୍କ ଓକିଲଙ୍କୁ କହିଛନ୍ତି । ବିଚାରପତି ସ୍ପଷ୍ଟ କରିଛନ୍ତି ଯେ, ଅନ୍‌ଲାଇନ୍‌ରେ ସେୟାର କରାଯାଇଥିବା ତଥାକଥିତ କ୍ଷମାପ୍ରାର୍ଥନା ପର୍ଯ୍ୟାପ୍ତ ନୁହେଁ ଏବଂ ଏହା ଶାହଙ୍କ ଉଦ୍ଦେଶ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି । ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମନ୍ତ୍ରୀଙ୍କ ଆଚରଣକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଶାହଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କେ ପରମେଶ୍ୱର କହିଛନ୍ତି ଯେ ସାର୍ବଜନୀନ କ୍ଷମା ପ୍ରାର୍ଥନା କରାଯାଇଛି ଏବଂ ଏହାକୁ କୋର୍ଟରେ ଦାଖଲ କରାଯିବ । ଏସ୍ ?ଆଇଟି ୮୭ ଜଣଙ୍କୁ ପଚରାଉଚରା କରିବା ସହ ମନ୍ତ୍ରୀଙ୍କ ବୟାନର ସମୀକ୍ଷା କରୁଛି । ଶାହଙ୍କ ଇସ୍ତଫା ଦାବି କରି କଂଗ୍ରେସ ନେତ୍ରୀ ଜୟା ଠାକୁରଙ୍କ ଆବେଦନ ଉପରେ ବିଚାର କରିବାକୁ କୋର୍ଟ ମନା କରିଦେଇଛନ୍ତି । କିନ୍ତୁ ପିଟିସନରେ ଉଠିଥିବା କେତେକ ଅଭିଯୋଗର ଏସ୍‌ଆଇଟି ତଦନ୍ତ କରିବ ବୋଲି କହିଛନ୍ତି । ମେ ମାସରେ ଶାହ ଏକ ସାର୍ବଜନୀନ ଅଭିଭାଷଣରେ ଭାରତୀୟ ସେନାର ଅପରେସନ ସିନ୍ଦୂର ବ୍ରିଫିଂର ପ୍ରମୁଖ ବ୍ୟକ୍ତିତ୍ୱ କର୍ଣ୍ଣେଲ କୁରେଶୀଙ୍କୁ ଆତଙ୍କବାଦୀଙ୍କ ଭଉଣୀ ବୋଲି ବର୍ଣ୍ଣନା କରିବା ପରେ ବିବାଦ ସୃଷ୍ଟି କରିଥିଲେ । ଏକ ଭିଡିଓ କ୍ଲିପ୍ ?ରେ ବ୍ୟାପକ ଭାବେ ପ୍ରସାରିତ ହୋଇଥିବା ଏହି ମନ୍ତବ୍ୟକୁ ବିରୋଧୀ ଓ ନାଗରିକ ସମାଜ ତୀବ୍ର ନିନ୍ଦା କରିଛନ୍ତି । ପରେ ମଧ୍ୟପ୍ରଦେଶ ହାଇକୋର୍ଟ ଏହି ମନ୍ତବ୍ୟକୁ 'ଅନୁପଯୁକ୍ତ' ବୋଲି କହିଥିଲେ । ଏହି ଉତ୍ତେଜନା ପରେ ଶାହଙ୍କ ବିରୋଧରେ ଶତ୍ରୁତା ଓ ଘୃଣାକୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ଏତଲା ରୁଜୁ କରାଯାଇଥିଲା । ଗତ ୧୯ ତାରିଖରେ ସୁପ୍ରିମ୍‌କୋର୍ଟ ଏହି ମାମଲାର ତଦନ୍ତ ପାଇଁ ଆଇପିଏସ୍ ଅଧିକାରୀଙ୍କୁ ନେଇ ଏକ ତିନିଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ ନିର୍ଦ୍ଦେଶ ଦେବା ସହ ମଧ୍ୟପ୍ରଦେଶ ହାଇକୋର୍ଟରେ ପୃଥକ୍ ପ୍ରକ୍ରିୟା ଉପରେ ରୋକ୍ ଲଗାଇଥିଲେ । ଆଇନଜୀବୀ ବରୁଣ ଠାକୁର କହିଛନ୍ତି ଯେ ଏସ୍‌ଆଇଟି ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛି । ଅଗଷ୍ଟ ୧୩ ପୂର୍ବରୁ ତଦନ୍ତ ଶେଷ ହେବ ବୋଲି ଏସ୍‌ଆଇଟି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ଦର୍ଶାଇ ଠାକୁର କହିଛନ୍ତି, ଯେହେତୁ ସେ ସ୍ୱୀକାର କରୁଛନ୍ତି, ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରୁଛନ୍ତି, ତେଣୁ ତଦନ୍ତର କୌଣସି ଆବଶ୍ୟକତା ନାହିଁ, ତଥାପି ଆମେ ଅପେକ୍ଷା କରୁଛୁ । ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୮ରେ ହେବ ।

# ମହାକାଶରେ ନୂଆ ଇତିହାସ ରଚିବ ଇସ୍ରୋ, ଲଞ୍ଚ ହେବ ନିସାର ମିଶନ




ନୂଆଦିଲ୍ଲୀ : ଇସ୍ରୋ ଆଉ ଏକ ନୂଆ ଇତିହାସ ସୃଷ୍ଟି କରିବାକୁ ଯାଉଛି । ଆସନ୍ତାକାଲି ଲଞ୍ଚ ହେବ ନିସାର ମିଶନ । ପ୍ରଥମ ଥର ପାଇଁ ନାସା-ଇସ୍ରୋ ସିନ୍ଥେଟିକ୍ ଆପରେଚର ରାଡାର (ନିସାର) ସାଟେଲାଇଟକୁ ଏଝଖଠ-୫୧୬ ଜରିଆରେ ମହାକାଶକୁ ପଠାଯିବ । ଆସନ୍ତାକାଲି ସନ୍ଧ୍ୟା ୫.୪୦ ମିନିଟ ସମୟରେ ଶ୍ରୀହରିକୋଟାର ସତିଶ ଧାୱନ ମହାକାଶ କେନ୍ଦ୍ରରୁ ଉତକ୍ଷେପଣ କରାଯିବ । ନିସାର ମିଶନର ବଜେଟ୍ ରହିଛି ୧୨ ହଜାର ୫ଶହ କୋଟି ଟଙ୍କା । ନାସା-ଇସ୍ରୋ ସିନ୍ଥେଟିକ୍ ଆପରଚର ରାଡାର (ନିସାର) ସାଟେଲାଇଟ, ନାସା-ଇସ୍ରୋ ସହଭାଗିତାରେ ଏକ ମାଇଲ ଖୁଣ୍ଟ ହେବାକୁ ଯାଉଛି ବୋଲି ଇସ୍ରୋ ତରଫରୁ କୁହାଯାଇଛି । ପ୍ରତି ୧୨ ଦିନରେ ପୃଥିବୀର ଗୋଟିଏ ଘେରା ବୁଲିବ ଏହି ସାଟେଲାଇଟ୍ । ରାତି-ଦିନ ଏବଂ ସବୁ ଋତୁରେ ହାଇରିଜୋଲ୍ୟୁସନର ଡାଟା ପଠାଇବ । ଏହି ସାଟେଲାଇଟ୍ ସମୁଦ୍ର ସ୍ତରର ପରୀକ୍ଷାନିରୀକ୍ଷା ସହ ଜାହାଜଗୁଡିକୁ ସହଜରେ ଠାବ କରିପାରିବ। ବାତ୍ୟା ଉପରେ ନଜର ରଖିବା ସହ ଜଳ ସମ୍ପଦର ମ୍ୟାପିଂ ମଧ୍ୟ କରି ପାରିବ । ଏହାରି ମଧ୍ୟରେ ଇସ୍ରୋ ଅଧ୍ୟକ୍ଷ କହିଛନ୍ତି ଯେ, ନିସାର ମିଶନ ପରେ ଆସନ୍ତା ଡିସେମ୍ବରରେ ଇସ୍ରୋର ହ୍ୟୁମାନୋଏଡ ମିଶନ ରହିଛି। ଯେଉଁଥିରେ ରୋବୋଟ୍ ବ୍ୟୋମମିତ୍ରକୁ ମହାକାଶ ପଠାଯିବ । ଏହା ସଫଳରେ ହେଲେ ଆସନ୍ତା ବର୍ଷ ଆଉ ଦୁଇଟି ମାନବବିହୀନ ମିଶନ ଲଞ୍ଚ ହେବ । ସବୁ ପରୀକ୍ଷଣ ପରେ ମାର୍ଚ୍ଚ ୨୦୨୭ରେ ଇସ୍ରୋ ଲଞ୍ଚ କରିବ ଗଗନାୟନ ମିଶନ ।

## ବାଂଲାଦେଶରେ ଥମୁନି ହିନ୍ଦୁଙ୍କ ଉପରେ ଅତ୍ୟାଚାର

ବାଂଲାଦେଶ: ବାଂଲାଦେଶରେ ଥମୁନି ହିନ୍ଦୁଙ୍କ ଉପରେ ଅତ୍ୟାଚାର, ରଙ୍ଗପୁର ସହର ସ୍ଥିତ ବାଲାପାରା ଗାଁରୁ ୩୦ ହିନ୍ଦୁ ପରିବାର ଗାଁ ଛାଡିଛନ୍ତି, କାରଣ ହେଉଛି ଇସଲାମ ବିରୋଧରେ ଫେସବୁକରେ ପୋଷ୍ଟକୁ ନେଇ । ସୂଚନା ଅନୁସାରେ ଫେସବୁକରେ ଏକ ପୋଷ୍ଟ ଭାଇରାଲ ହୋଇଥିଲା, କଠୋରପନ୍ଥୀ ଗୋଷ୍ଠୀ ସଂଘବଦ୍ଧ ହୋଇ ଆସି ଅତର୍କିତ ଆକ୍ରମଣ କରିଥିଲେ, ଆକ୍ରମଣରେ ୧୪ଟି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଯେଉଁ ପୋଷ୍ଟକୁ ଭାଇରାଲ କରାଯାଉଛି । ସେଥିରେ ସ୍ପଷ୍ଟ ଦେଖା ଦେଇଛି ହିନ୍ଦୁ ଯୁବକଙ୍କ ନାଁରେ ଫେକ୍ ଆକାଉଣ୍ଟ କରି ପୋଷ୍ଟକୁ ଭାଇରାଲ କରାଯାଇଛି ଏବଂ ଜିହାଦୀଙ୍କ ପ୍ଲାନ ଅନୁସାରେ ଧମକ ଚମକ ଦେଇ ହିନ୍ଦୁ ପରିବାର ମାନଙ୍କୁ ଘର ଛାଡିବାକୁ ବାଧ କରାଯାଉଛି ।

# ଇଂଲଣ୍ଡର ହୀନମନ୍ୟତାକୁ ନିନ୍ଦା

ମଞ୍ଚେଷ୍ଟର, ୨୯।୭(ଏଜେନ୍ସି): ଏହା କେଣସି ଗୌରବ ନଥିଲା, ପରିସଂଖ୍ୟାନର କଥା ବି ନୁହେଁ, ଆମେ ଏଭଳି ଫଳାଫଳ ପାଇଁ ବି ଆସିନାହୁଁ, କିନ୍ତୁ ଆମେ ବାସ୍ତବ ଲଢ଼େଇ ଶେଷ ନ ହେବା ଯାଏ ପଳାୟନ କରିବାକୁ ବି ଆସିନାହୁଁ। ଏଭଳି କିଛି କଥା କହି ଭାରତୀୟ ଦଳ ଉପଅଧିନାୟକ ଋଷଭ ପନ୍ତ ଭାରତୀୟ ଦଳର ମାନସିକତାକୁ ପରିପ୍ରକାଶ କରିଛନ୍ତି । ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟରେ ପରାଜୟ ମୁହଁରୁ ଫେରି ଭାରତ ଲଢୁଆ ଡ୍ର କରିବା ପରେ ପନ୍ତଙ୍କ ଏହି କଥା ଇଂଲଣ୍ଡର ଏକ ହୀନମନ୍ୟତା ଆଭିମୁଖ୍ୟ ଉଦ୍ଦେଶ୍ୟରେ ଆଉ ଏକ ମୁହଁତୋଡ଼ ଜବାବ ହୋଇଛି। ଭାରତ ସୁରକ୍ଷିତ ହେବା ଦିଗରେ ଅଗ୍ରସର ହେବା ଦେଖି ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ରବିବାର ଭାରତକୁ ଆଗୁଆ ଡ୍ର ଅଫର୍ ଦେଇଥିଲେ। ଯାହାକୁ ରବୀନ୍ଦ୍ର ଜାଡ଼େଜା ରୋକ୍‌ଠୋକ୍ ମନା କରି ଦେଇଥିଲେ। ପଡ଼ିଆ ଭିତରେ ଏଭଳି ଆଚରଣ ବେଶ୍ ଭ୍ରୁକୁଞ୍ଚନ ସୃଷ୍ଟି କରିଥିଲେ ବି ଇଂଲଣ୍ଡ ଖେଳାଳିଙ୍କ ହୀନ ଆଭିମୁଖ୍ୟ ପଦାରେ ପଡ଼ିଛି। ଭାରତ ଏକ ଚମତ୍କାର ଡ୍ର କରିବା ପରେ ଶୃଙ୍ଖଳାକୁ ଜୀବନ୍ତ ରଖିଥିବାରୁ ଇଂଲଣ୍ଡ ବ୍ୟର୍ଥତା ଭିତରେ ଜର୍ଜରିତ ହୋଇପଡ଼ିଥିବା ବି ବିଶ୍ୱାସ କରାଯାଉଛି। ବେନ୍ ଷ୍ଟୋକ୍ସ ଡ୍ର ଅଫର ଦେବା ବେଳକୁ ଜଡ଼େଜା ୮୯ ଏବଂ ୱାସିଂଟନ୍ ସୁନ୍ଦର ୮୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଉଭୟଙ୍କୁ କେବଳ ଶତକରୁ ବଞ୍ଚିତ ରଖିବା ଲାଗି ଜାଡ୍ରେଜାଙ୍କୁ ଷ୍ଟୋକ୍ସ, ଡକେଟ୍ ଓ କ୍ରଲି ଘେରିଯାଇଥିଲେ। ଉଭୟ ଜାଡ଼େଜା ଓ ସୁନ୍ଦର କୌଣସି ବ୍ୟସ୍ତତା ନ ଦେଖାଇ ଶତକ ଆଡ଼କୁ ଅଗ୍ରସର ହେଉଥିଲେ। ଏଥିରେ ବିବ୍ରତ ହୋଇ ଷ୍ଟୋକ୍ସ ପ୍ରଶ୍ନ କରିଥିଲେ, ଶତକ ପାଇଁ ଆଉ କେତେ ସମୟ ନେବେ ? କଣ ହ୍ୟାରି ବ୍ରୁକ୍ (ବ୍ୟାଟର)ଙ୍କ ବିପକ୍ଷରେ ଶତକ ହାସଲ କରିବାକୁ ଚାହୁଁଛନ୍ତି ? ଏଭଳି ତାଚ୍ଛଲ୍ୟରେ ଜାଡ଼େଜା କି ସୁନ୍ଦର ପ୍ରଭାବିତ ହୋଇ ନଥିଲେ ଉଭୟ ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ୨ ଅଧିବେଶନରେ ୱିକେଟ୍





ନ ହରାଇ ଘରୋଇ ବୋଲରଙ୍କୁ ହତାଶାବୋଧ ଭିତରକୁ ଠେଲି ଦେଇଥିଲେ। ନିଜ ନିଜ ଶତକ ହାସଲ ପରେ ହିଁ ଏହି ଟେଷ୍ଟରେ ଏକମାତ୍ର ବିକଳ୍ପ ଫଳାଫଳ ଥିବା ଡ୍ର ପାଇଁ ରାଜି ହୋଇଥିଲେ। ତେବେ ଇଂଲଣ୍ଡର ଆଭିମୁଖ୍ୟ ଏବେ ଚର୍ଚ୍ଚାରେ ରହିଛି ଏବଂ ଇଂଲଣ୍ଡକୁ ବହୁ ପୂର୍ବତନ କ୍ରିକେଟର୍, ପ୍ରଶଂସକ, ପ୍ରଶାସକ ପ୍ରମୁଖ କଡ଼ା ସମାଲୋଚନା କରିଛନ୍ତି।

ଇଂଲଣ୍ଡର ହୀନମନ୍ୟତା ତଥା ଅଶ୍ଳେଳୁଆଡ ଆଚରଣ ପାଇଁ ଭାରତୀୟ ବ୍ୟାଟିଂ କିଂବଦନ୍ତି ସୁନିଲ ଗାଭାସ୍କର ଭୀଷଣ କ୍ଷୁବ୍ଧ ହୋଇଛନ୍ତି। ଭାରତକୁ ଆଗୁଆ ଡ୍ର ପାଇଁ ବାଧ କରୁଥିବା ଷ୍ଟୋକ୍ସଙ୍କୁ ଶୁବମନ ଗିଲ୍ ଘେରିବା ସହ ପ୍ରଶ୍ନ କରିବା କଥା ଯେ ତୁମେ କାହିଁକି ଆଗୁଆ ପାଳି ଘୋଷଣା କଲ ନାହିଁ। ଭାରତକୁ ଏତେ ଲମ୍ବା ବ୍ୟାଟିଂ ପାଇଁ ପ୍ରଶ୍ନ କରିବା ପୂର୍ବରୁ ନିଜକୁ ସେମାନେ ପ୍ରଶ୍ନ କରିବା କଥା। ନିଜେ କାହିଁକି ପାଳି ଘୋଷଣା ନ କରି ଏତେ ଲମ୍ବା ବ୍ୟାଟିଂ କରିଥିଲେ। ପ୍ରଥମ ଟେଷ୍ଟ୍ ପରେ ସେମାନେ କହିଥିଲେ ଆମେ ୬୦୦ ରନ୍ ବି ପିଛା କରି ଜିତିପାରିବୁ। ଏବେ ଦୋମୁହାଁ ନୀତି ଆପଣାଉଛନ୍ତି। ୩୧୧ ରନ୍ ଅଗ୍ରଣୀ ନେବା ପୂର୍ବରୁ ସେମାନେ ବି ୨୪୦/୨୫୦ ଅଗ୍ରଣୀ ବେଳେ ଘୋଷଣା କରିପାରିଥାନ୍ତେ। ଷ୍ଟୋକ୍ସ ନିଜେ ଶତକ ହାସଲ କରିବା ପରେ ସେମାନଙ୍କ ବୋଲରଙ୍କୁ କାହିଁକି ଅଧିକ ଘଣ୍ଟାଏ ବୋଲିଂ ଦେଲେ ନାହିଁ।

ଇଂଲଣ୍ଡର ଆଭିମୁଖ୍ୟକୁ ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର୍ ଆର୍ ଅଶ୍ୱିନ କଡ଼ା ସମାଲୋଚନା କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟର ଶେଷ ୧୦ ମିନିଟରେ ଇଂଲଣ୍ଡ ଖେଳାଳି ଦୋମୁହାଁ ଶବ୍ଦର ଅର୍ଥ ବୁଝାଇଦେଲେ। ନିଜ ୟୁଟ୍ୟୁବ୍ ଚ୍ୟାନେଲ୍ ଆସ୍ କି ବାତ୍‌ରେ ଅଶ୍ୱିନ୍ କହିଥିଲେ, ମୁଁ ଜାଣିଛି ତୁମେ ବ୍ୟର୍ଥତା ଦେଖାଇପାରିବ, ନିଜ ଖେଳାଳିଙ୍କ ସହ ଲଢ଼ିପାରିବ, ନିଜ ହେଲ୍‌ମେଟ୍ ଫିଙ୍ଗିପାରିବ, ମ୍ୟାଚ୍ ପରେ କାନ୍ଥକୁ ହିଟ୍ କରିପାରିବ, ବୋତଲ ଫିଙ୍ଗିପାରିବ, ବକ୍ସିଂ କରିପାରିବ, ତୁମେ ଯାହା ଚାହିଁବ କରିପାରିବ, ଦୟାକରି ଏହା କର କିନ୍ତୁ ତୁମେ ହତାଶ ଭିତରେ ଅଛ ବୋଲି ହାତ ମିଳାଇବାକୁ କହିବାର ଅର୍ଥ ତୁମେ କହୁଛ ଶତକ ନ କରି କାନ୍ଦି କାନ୍ଦି ପଳାଅ। ଏହା କଣ, ଏହା କିଭଳି ଘଟିବ ? ତୁମେ କହୁଛ ମୁଁ ଖୁସି ନୁହେଁ, ନ ହୋଇପାର। କିନ୍ତୁ ସକାଳୁ ତୁମ ବୋଲିଂ ବାହିନୀକୁ ସେମାନେ ଲଢ଼ିଲଢ଼ି ଏ ପର୍ଯ୍ୟନ୍ତ ଆସିଛନ୍ତି। ସେଠାରେ ପହଞ୍ଚିବାକୁ ସେମାନେ ବହୁ କଷ୍ଟ କରିଛନ୍ତି। ଶତକ ନ କରି ପଳାଅ ବୋଲି କହୁଛ। ତୁମେ ଏଭଳି ସ୍ଥିତିରେ ଥିଲେ କଣ କରିଥାନ୍ତ ? ହ୍ୟାରି ବ୍ରୁକ୍ ଓ ବେନ୍ ଡକେଟ୍‌ଙ୍କୁ ବି ଅଶ୍ୱିନ ସମାଲୋଚନା କରିଛନ୍ତି। ସେହି ଦୃଷ୍ଟିରୁ ମୁଁ ଭାବୁଛି ଏହା ଏକ ଡ୍ର ନୁହେଁ ବିଜୟ। ପରବର୍ତ୍ତୀ ଟେଷ୍ଟରେ ଏହାର ଫଳ ପ୍ରତିଫଳିତ ହେବ କାରଣ ଉଭୟ ଦଳର ଖେଳାଳି କ୍ଳାନ୍ତ ହୋଇପଡ଼ିଛନ୍ତି।

# ବିସିସିଆଇ ଅଫିସରୁ ଚୋରି

ନୂଆଦିଲ୍ଲୀ, ୨୯।୭: ଆଇପିଏଲ ଜର୍ସି ଘରକୁ ନେବାକୁ ସମସ୍ତଙ୍କ ଇଚ୍ଛା ରହିଥାଏ। ହେଲେ ଜଣେ ସିକ୍ୟୁରିଟୀ ଗାର୍ଡ ଏହି ଜର୍ସି ପାଇଁ ସୀମା ରେଖା ଅତିକ୍ରମ କରି ଯାଇଛନ୍ତି। ସେ ଏକାଥରେ ଗୋଟେ ପେଟି ଆଇପିଏଲ ୨୦୨୫ର ଜର୍ସି ନେଇ ଯାଇଛନ୍ତି। ଏବେ ପୁଲିସ୍ ୪୦ ବର୍ଷୀୟ ସିକ୍ୟୁରିଟୀ ଗାର୍ଡକୁ ଆଇପିଏସ ଜର୍ସି ଚୋରି ମାମଲାରେ ଗିରଫ କରିଛି।ସେ ୬.୫୨ ଲକ୍ଷ ମୂଲ୍ୟର ୨୬୧ଟି ଜର୍ସି ଚୋରି କରିଥିଲେ। ପ୍ରତିଟି ଜର୍ସିର ମୂଲ୍ୟ ପ୍ରାୟ ୨୫୦୦ ଟଙ୍କା ହେବ। ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମର ଚର୍ଚ୍ଚ ଗେଟ ନିକଟ ବିସିସିଆଇ ଅଫିସରୁ ଏପରି ଚୋରି ହୋଇଥିଲା। ଗିରଫ ସିକ୍ୟୁରିଟିର ଗାର୍ଡ ଜଣଙ୍କ ହେଉଛନ୍ତି ଫାରୁକି ଅସଲମ ଖାନ। ସେ ନିଜର ଅନଲାଇନ ଜୁଆ ଖେଳ ଆବଶ୍ୟକ ଟଙ୍କା ହାସଲ କରିବା ପାଇଁ ବିସିସିଆଇ ଅଫିସରୁ ଗୋଟେ ପେଟି ଆଇପିଏଲ ଜର୍ସି ଚୋରି କରିଥିଲେ ।ତେବେ ଏହା ସାଧାରଣ ଲୋକଙ୍କ ପାଇଁ ଥିଲା ନା ଖେଳାଳିଙ୍କ ପାଇଁ ଅଣାଯାଇଥିଲା, ସେକଥା ଜଣାପଡ଼ିନି। ବିସିସିଆଇ ଅଫିସରୁ ଗୋଟେ ପେଟି ଜର୍ସି ଚୋରି କରିବା ପରେ ମୀରା ରୋଡରେ ରହୁଥିବା ଅସଲମ ଏହାକୁ ହରିୟାଣାର ଗୋଟିଏ ଜର୍ସି ଡିଲରଙ୍କୁ ବିକ୍ରି କରିଥିଲା। ସୋଶାଲ ମିଡିଆରେ ସେ ଏହି ଜର୍ସି ଡିଲରଙ୍କୁ ଯୋଗାଯୋଗ କରିଥିଲା। ପ୍ରକୃତରେ ଜୁନ ୧୩ରେ ଜର୍ସି ଚୋରି ହୋଇଥିଲା। କିନ୍ତୁ ନିକଟରେ ହୋଇଥିବା ଅଡିଟ ବେଳେ ଚୋରି ଖବର ସାମ୍ନାକୁ ଆସିଥିଲା। ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ବିସିସିଆଇ ଅଧିକାରୀମାନେ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ଏହି ସମୟରେ ସିକ୍ୟୁରିଟୀ ଗାର୍ଡ ଗୋଟିଏ ପେଟି ଧରି ବାହାରକୁ ଯାଉଥିବା ଦେଖିବାକୁ ମିଳିଥିଲା। ଏହାକୁ ଆଧାର କରି ପୁଲିସ୍ ଅସଲମଙ୍କୁ ଗିରଫ କରିଛି। ଚୋରି ପରେ ଅସଲମ ଅନଲାଇନ ଡିଲରଙ୍କୁ ଜର୍ସିଗୁଡ଼ିକ ବିକ୍ରି କରିଥିଲେ। କିନ୍ତୁ ଏହି ଡିଲରୁ ତାଙ୍କୁ କେତେ ଟଙ୍କା ମିଳିଥିଲା, ସେକଥା ପୁଲିସ୍ କହିନାହିଁ।ସେହିପରି ଚୋରି ଜର୍ସିକୁ କୋରିୟର ଦ୍ୱାରା ହରିୟାଣା ପଠାଯାଇଥିବା ଜଣାପଡ଼ିଛି। ।ଅସଲମଙ୍କୁ ଗିରଫ କରିବା ପରେ ପୁଲିସ୍ ହରିୟାଣା ଡିଲରଙ୍କୁ ସମନ କରିଛି ।ତେବେ ସେ ଜର୍ସିଗୁଡ଼ିକ ଚୋରି ମାଲ ବୋଲି ଜାଣିଥିବା ପ୍ରାଥମିକ ଭାବେ ପୁଲିସ୍‌କୁ କହିଛନ୍ତି ।ପୁଲିସ୍ ପୁଲିସ ଜୁଲାଇ ୧୭ରୁ ଘଟଣାର ତଦନ୍ତ କରୁଥିବା ବେଳେ ଏନେଇ ରିପୋର୍ଟ ଏବେ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ଓଭାଲ ପିଚ୍ କ୍ୟୁରେଟରଙ୍କ ସହ ଗମ୍ଭୀରଙ୍କ ଯୁକ୍ତିତର୍କ

ଆସନ୍ତା ୩୧ ତାରିଖରୁ ଲଣ୍ଡନର ଦ ଓଭାଲରେ ଇଂଲଣ୍ଡ ବିପକ୍ଷରେ ୫ ଟିକିଆ। ସିରିଜର ଶେଷ ଟେଷ୍ଟ ଖେଳିବ ଭାରତ ଏହାପୂର୍ବରୁ ଭାରତୀୟ ଟିମ ଓଭାଲରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛି। କିନ୍ତୁ ଏହି ଅଭ୍ୟାସ ବେଳେ ଟିମ ଇଣ୍ଡିଆର ମୁଖ୍ୟ କୋଚ ଗୌତମ ଗମ୍ଭୀର ଓ ଓଭାଲ ପିଚ୍‌ର ମୁଖ୍ୟ କ୍ୟୁରେଟର ଲି ଫୋର୍ଟିସଙ୍କ ମଧ୍ୟରେ ଝଗଡ଼ା ଦେଖିବାକୁ ମିଳିଛି। ଗମ୍ଭୀର ଯକ୍ତିତର୍କ ବେଳେ ଫୋର୍ଟିସଙ୍କୁ ମନଇଚ୍ଛା ଗାଳି ଦେବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ତୁମେ ଜଣେ ଗ୍ରାଉଣ୍ଡସ୍ମ୍ୟାନ ଓ ନିଜ ଔକତାରେ ରୁହ ବୋଲି ବୋଲି ଫୋର୍ଟିସଙ୍କୁ ଗମ୍ଭୀର କହୁଥିବା ଶୁଣିବାକୁ ମିଳିଛି। ତେବେ ଗମ୍ଭୀର କାହିଁକି ଫୋର୍ଟିସଙ୍କ ଉପରେ ଏତେ ଜୋରରେ ରାଗିଲେ, ସେକଥା ଜଣାପଡ଼ିନାହିଁ। କିନ୍ତୁ ଏବେ ଗମ୍ଭୀରଙ୍କ ବିରୋଧରେ ଫୋର୍ଟିସ ବିଧିବଦ୍ଧ ଭାବେ ଅଭିଯୋଗ ଦାଖଲ କରିବାର ଆଶଙ୍କା ରହିଛି।



ପୂରା ଘଟଣା ଭାରତୀୟ ଟିମର ନେଟ୍ସ ବେଳେ ଘଟିଥିଲା। କିଛି ଖେଳାଳି ରନ ଅପ ଅଞ୍ଚଳକୁ ମାପୁଥିଲେ। ଫୋର୍ଟିସ କିଛି ଖେଳାଳିଙ୍କୁ କହୁଥିବାର ଦେଖାଯାଇଥିଲା। ଏହାକୁ ଦେଖି ଗମ୍ଭୀର ରାଗିଯାଇଥିଲେ। ଫଳରେ ଗମ୍ଭୀର ଓ ଫୋର୍ଟିସଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏହି ସମୟରେ ଟିମ ଇଣ୍ଡିଆର ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଏଥିରା ହସ୍ତକ୍ଷେପ କରିଥିଲେ। ସେ ଗମ୍ଭୀରଙ୍କ ଠାରୁ ଫୋର୍ଟିସଙ୍କୁ କିଛି ଦୂରକୁ ନେଇ କଥାବାର୍ତ୍ତା ହୋଇଥିଲେ। ତଥାପି ଗମ୍ଭୀରଙ୍କ ରାଗ ଥଣ୍ଡା ହୋଇ ନଥିଲା। ସେ ଫୋର୍ଟିସଙ୍କୁ ବଡ଼ ଆଖି ଦେଖାଇ ଗାଳି କରି ଚାଲିଥିଲେ।

ଗମ୍ଭୀର ଓ ପିଚ୍ କ୍ୟୁରେଟରଙ୍କ ମଧ୍ୟରେ କଣ ହୋଇଥିଲା ?ଫୋର୍ଟିସ: ଏମିତି ବାରମ୍ବାର କୁହନି ।ନଚେତ ମୁଁ ମ୍ୟାଚ ରେଫରୀଙ୍କ ଆଗରେ ରିପୋର୍ଟ କରିବି ।ଗମ୍ଭୀର: ଯାଅ ରିପୋର୍ଟର କର ଯାଅ, ଯାହା ଇଚ୍ଛା କର ଯାଅ ...(ଖରାପ ଶବ୍ଦ) ।କୋଟାକ ଓ କ୍ୟୁରେଟରଙ୍କ ମଧ୍ୟରେ କଥାବାର୍ତ୍ତା ହୋଇଥିଲା ଏହା ଶୁଣା ଯାଉ ନାହିଁ। ଗମ୍ଭୀର ହଠାତ୍ ଏଥିରେ ହସ୍ତକ୍ଷେପ କରି କୋଟାକଙ୍କୁ କହିଥିଲେ ଯେ ଏହି..କୁ କୁହ ଯାଇ ମ୍ୟାଚ୍ ରେଫରୀଙ୍କୁ କହିବ। ତା ସହ କୌଣସି କଥା ହେବା ଦରକାର ନାହିଁ। କ୍ୟୁରେଟରଙ୍କ କଥା ଶୁଣା ଯାଉ ନାହିଁ। ଗମ୍ଭୀର: ବନ୍ଦ କର ଆମକୁ କଣ କରିବାର ଅଛି ତୁମର କହିବା କିଛି ଦରକାର ନାହିଁ। ଆମେ କଣ କରିବୁ, ସେକଥା ତୁମର ଜାଣିବା ଦରକାର ନାହିଁ ।ଆମେ ଆମ କାମ କରିବୁ। କ୍ୟୁରେଟରଙ୍କ କଥା ଶୁଣା ଯାଉ ନାହିଁ। ଗମ୍ଭୀର: ହଁ, ତୁମେ ଆମ ଭିତରୁ କାହାକୁ କିଛି କହିବା ଦରକାର ନାହିଁ। ତୁମେ କିଛି କୁହ ନାହିଁ। ଆମକୁ କିଛି କହିବାର ଅଧିକାର ତୁମର ନାହିଁ। ତୁମେ କେବଳ ଜଣେ ଗ୍ରାଉଣ୍ଡସ୍ମ୍ୟାନ। ତେଣୁ ନିଜ ଔକାତରେ ରୁହ। ତୁମେ ଜଣେ ଗ୍ରାଉଣ୍ଡସ୍ମ୍ୟାନ। ଏହା ଠାରୁ ତୁମେ କିଛି ଅଧିକ ନୁହଁ କେବଳ ଗ୍ରାଉଣ୍ଡସ୍ମ୍ୟାନ ନିଜ ସୀମାରେ ରୁହ। ଭିଡିଓଟି ଏହି ଠାରେ ଶେଷ ହୋଇଥିବା ବେଳେ ଯୁକ୍ତିତର୍କର କାରଣ କିଛି ବି ଜଣାପଡ଼ିନି। ସେହି ଘଟଣାକୁ ନେଇ କ୍ୟୁରେଟର ଅଭିଯୋଗ କରିଛନ୍ତି କି ନାହିଁ, ସେକଥା ବିସ୍ପଷ୍ଟ ହୋଇନି।

# ଓଭର୍ଟନଙ୍କୁ ଡାକିଲା ଇଂଲଣ୍ଡ, ଭାରତୀୟ ଦଳରେ ଜଗଦୀଶନ୍

ମାଞ୍ଚେଷ୍ଟର, ୨୯।୭(ଏଜେନସି) ପ୍ରଥମ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫି ପାଇଁ ଖେଳାଯାଉଥିବା ୫ ମ୍ୟାଚ୍ ଶୃଙ୍ଖଳାରେ ଇଂଲଣ୍ଡ ଏବେ ୨-୧ରେ ଆଗୁଆ। ରହିଛି ଭାରତ ଏହାକୁ କେବଳ ୨-୨ରେ ଶେଷ କରିବାର ସୁଯୋଗ ପାଇବ ଜୁଲାଇ ୩୧ ତାରିଖରୁ ଦ ଓଭାଲରେ ପଞ୍ଚମ ତଥା ଅନ୍ତିମ ଟେଷ୍ଟ୍ ଖେଳାଯିବ ଏହି ନିର୍ଣ୍ଣାୟକ ଲଢ଼େଇ ପୂର୍ବରୁ ଉଭୟ ଦଳ ନିଜ ନିଜ ସମ୍ଭାବ୍ୟ ଦଳରେ ଜଣେ ଲେଖାଏଁ ଖେଳାଳିଙ୍କୁ ସାମିଲ କରିଛନ୍ତି। ଇଂଲଣ୍ଡ ଏହାର ୧୫ ଜଣିଆ ଦଳରେ ଅଲରାଉଣ୍ଡର୍ ଜାମି ଓଭର୍ଟନ୍‌ଙ୍କୁ ସାମିଲ କରିଛି। ୨୦୨୨ ମସିହା ପରେ ସେ ପ୍ରତ୍ୟାବର୍ତ୍ତନ କରିଛନ୍ତି ।୩୧ ବର୍ଷୀୟ ଓଭର୍ଟନ ଗତ ଆଇପିଏଲ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍ସ ପାଇଁ ଖେଳିଥିଲେ।




ଅନ୍ୟପକ୍ଷରେ ଭାରତୀୟ ଦଳରୁ ଆହତ ୱିକେଟରକ୍ଷକ ବ୍ୟାଟର୍ ତଥା ଉପଅଧିନାୟକ ଋଷଭ ପନ୍ତ ବାଦ୍ ପଡ଼ିଥିବାରୁ ତାମିଲନାଡୁ ୱିକେଟ୍‌ରକ୍ଷକ ଏନ୍ ଜଗଦୀଶନ୍‌ଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ଧ୍ରୁବ ଜୁରେଲଙ୍କ ବିକଳ୍ପ ଭାବେ ସେ ଦଳରେ ରହିବେ। ୨୯ ବର୍ଷୀୟ ଜଗଦୀଶନ୍ ୨୦୨୩-୨୪ ରଣଜୀ ଟ୍ରଫିରେ ୭୪.୧୮ ହାରରେ ୮୧୬ ରନ୍ ଏବଂ ୨୦୨୪-୨୫ ଋତୁରେ ୫୬.୧୬ ହାରରେ ୬୭୪ ରନ୍ କରିଥିବାରୁ ଏହି ବିଳମ୍ବିତ ପୁରସ୍କାର ପାଇଛନ୍ତି। ୨୦୧୬ରୁ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳୁଥିବା ଜଗଦୀଶନ୍ ୫୨ ମ୍ୟାଚ୍‌ରୁ ୧୦ ଶତକ ସହ ୪୭.୫୦ ହାରରେ ୩୩୭୩ ରନ୍ ସଂଗ୍ରହ କରିଛନ୍ତି ।୩୨୧ ରନ୍‌ର ସର୍ବୋଚ୍ଚ ବ୍ୟକ୍ତିଗତ ପାଳି ସେ ୨୦୨୪ ଜାନୁଆରିରେ ଚଣ୍ଡିଗଡ଼ ବିପକ୍ଷରେ ହାସଲ କରିଥିଲେ।

# ବୁମରାଙ୍କ ଖେଳିବା ନେଇ ସସପେନ୍ସ

ଦି ଓଭାଲ, ୨୯।୭: ଗୁରୁବାରଠୁ ଆରମ୍ଭ ହେଉଛି ଆଣ୍ଡରସନ୍- ତେନ୍ଦୁଲକର ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚ୍। ଦୁଇ ଦଳ ପାଇଁ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ, ଇଂଲଣ୍ଡ ଓଭାଲରେ ଖେଳାଯିବାକୁ ଥିବା ଟେଷ୍ଟରେ ବିଜୟ ଲାଭ କଲେ ସିରିଜ ବିଜୟ ଲାଭ କରିବ। କିନ୍ତୁ ଯଦି ଭାରତ ଜିତିବ ତେବେ ସିରିଜ ଡ୍ରରେ ଶେଷ ହେବ । ଏହା ଭିତରେ ଟିମ ଇଣ୍ଡିଆ। ପାଇଁ ୱିକେଟ୍ କିପର ଚିନ୍ତା, ଜୁରେଲ ଖେଳିବେ ନା ଡକରା ପାଇ ଥିବା ଜଗଦୀଶନଙ୍କୁ ସୁଯୋଗ ମିଳିବ।

ଭାରତ ଓ ଇଂଲଣ୍ଡ ମଧ୍ୟରେ ଜୁଲାଇ ୩୧ରୁ ଓଭାଲରେ ଆରମ୍ଭ ହେବାକୁ ଥିବା ପଞ୍ଚମ ଟେଷ୍ଟ ମ୍ୟାଚରେ ଉଇକେଟ୍ କିପର୍ କିଏ ହେବେ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।ଋଷଭ ପନ୍ତଙ୍କର ପାଦରେ ଆଘାତ ଲାଗିବା ପରେ ତାଙ୍କ ସ୍ଥାନରେ ନାରାୟଣ ଜଗଦୀଶନଙ୍କୁ ଦଳରେ ସାମିଲ କରାଯାଇଛି। କିନ୍ତୁ ଧ୍ରୁବ ଜୁରେଲଙ୍କୁ ମୁଖ୍ୟ ୱିକେଟ୍ କିପର୍ ଭାବେ ବିବେଚନା କରାଯାଉଛି। ଜୁରେଲଙ୍କ ପାଖରେ ଅନ୍ତର୍ଜାତୀୟ କ୍ରିକେଟରେ ଅଭିଜ୍ଞତା ଅଛି। ଜୁରେଲ ୪ଟି ଟେଷ୍ଟ ଖେଳି ୧୬୧ ରନ୍ କରିଛନ୍ତି, ଯେଉଁଥିରେ ରାଞ୍ଚି ଟେଷ୍ଟରେ ୯୦ ରନ୍‌ର ଏକ ଦମଦାର ପାରି ରହିଛି। ବ୍ୟାଟିଂ ହାର ୫୫.୧୭ ଓ ଉଇକେଟ୍ କିପିଂରେ ମଧ୍ୟ ଭଲ ରହିଛି। ଅନ୍ୟପଟେ, ଜଗଦୀଶନ ଘରୋଇ କ୍ରିକେଟ୍‌ରେ ଅଧିକ ଅଭିଜ୍ଞ ଜଗଦୀଶନ ୫୨ଟି ମ୍ୟାଚ୍‌ରେ ୩,୩୭୩ ରନ୍ କରିଛନ୍ତି, ଯେଉଁଥିରେ ୧୦ଟି ଶତକ ଓ ୧୪ଟି ଅର୍ଦ୍ଧଶତକ



ରହିଛି । ୨୦୨୩-୨୪ ରଣଜୀ ଟ୍ରଫିରେ ଜଗଦୀଶନ ୮୧୬ ରନ୍ ଓ ୨୦୨୪-୨୫ରେ ୬୭୪ ରନ୍ କରିଥିଲେ। ଜୁରେଲଙ୍କ ଅନ୍ତର୍ଜାତୀୟ ଅଭିଜ୍ଞତା ଓ ଓଭାଲରେ ପୂର୍ବରୁ ଉଇକେଟ୍ କିପିଂ କରିଥିବା ଅନୁଭବ ତାଙ୍କୁ ଆଗରେ ରଖୁଛି ତେବେ ଜଗଦୀଶନଙ୍କର ଘରୋଇ କ୍ରିକେଟରେ ସ୍ଥିରତା ତାଙ୍କୁ ବ୍ୟାକଅପ୍ ଭାବେ ଗୁରୁତ୍ୱପୂର୍ଣ୍ଣ କରୁଛି। କିନ୍ତୁ ଦଳ ୱିକେଟ କିପିଂ ସହ ବ୍ୟାଟିଂରେ ମଧ୍ୟ ରନ୍ କରିପାରୁଥିବା ଖେଳାଳିଙ୍କୁ ଅନ୍ତିମ ଟେଷ୍ଟରେ ଖେଳାଇବାକୁ ଚାହିଁବ ଓଭାଲ ଟେଷ୍ଟରେ କିଏ ଦଳରେ ସ୍ଥାନ ପାଇବେ, ତାହା ଦେଖିବା ରୋଚକ ହେବ ।

# ଜିଏମ୍ ଦିବ୍ୟାଙ୍କୁ ଅଭିନନ୍ଦନର ସୁଅ

ବାଟୁମି, ୨୯।୭: ଭାରତର ୧୯ ବର୍ଷୀୟା ମହିଳା ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ଇତିହାସ ରଚିଛନ୍ତି ପ୍ରଥମ ଭାରତୀୟ ଭାବେ ଫିଡେ ମହିଳା ବିଶ୍ୱକପ୍‌ରେ ସେ ବିଜେତା ହେବାର ଗୌରବ ଅର୍ଜନ କରିଛନ୍ତି। ଜୀବନର ଏହି ବଡ଼ ମାଇଲ୍‌ଖୁଣ୍ଟ ସଫଳତା ପାଇବା ସହ ଦିବ୍ୟା ଭାରତୀୟ ମହିଳା ଚେସ୍‌କୁ ଆଗକୁ ନେଇଛନ୍ତି ।ଦୁଇ ଭାରତୀୟ ଦିବ୍ୟା ଓ ଅଭିଜ୍ଞା କୋନେରୁ ହମ୍ପିଙ୍କ ମଧ୍ୟରେ ଖେଳାଯାଇଥିବା ଦୁଇ ଗେମ୍ ବିଶିଷ୍ଟ ଫାଇନାଲ୍ ଡ୍ରରେ ଶେଷ ହୋଇଥିଲା ଫଳରେ ଫାଇନାଲ୍ ଟାଇବ୍ରେକ୍‌କୁ ଯାଇଥିଲା ସୋମବାର ଖେଳାଯାଇଥିବା ଟାଇବ୍ରେକ୍‌ରେ ଦିବ୍ୟା ନିଜଠୁ ବୟସରେ ଦୁଇଗୁଣ ବଡ଼ ହମ୍ପିଙ୍କୁ ୨.୫-୧.୫ରେ ମାତ୍ ଦେଇ ଟ୍ରଫି କରାୟତ୍ତ କରିଥିଲେ ଏହି ବିଜୟ ଦିବ୍ୟାଙ୍କୁ ଖାଲି ସମ୍ମାନଜନକ ବିଶ୍ୱକପ୍ ଟ୍ରଫି ଦେଇ ନଥିଲା, ତାଙ୍କୁ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ବିଜୟରେ ବି ସହଯୋଗ କରିଥିଲା ନାଗପୁର ଜନ୍ମିତ ଦିବ୍ୟା ଦେଶର ୮୮ତମ ଏବଂ ମହିଳା ଭାବେ ଦେଶର ଚତୁର୍ଥ ଗ୍ରାଣ୍ଡମାଷ୍ଟର ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କ ପୂର୍ବରୁ ଭାରତର ମହିଳା ଖେଳାଳି ହମ୍ପିଙ୍କ ସହ ଆର୍ ବୈଶାଳି ଓ ହାରିକା ଦ୍ରୋଣାବଲୀ ଗ୍ରାଣ୍ଡମାଷ୍ଟର ଥିଲେ।

ବିଶ୍ୱକପ୍ ବିଜୟ ସହ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର୍ ହୋଇଥିବା ଦିବ୍ୟା ଦେଶମୁଖଙ୍କୁ ପ୍ରଶଂସା କରିଛନ୍ତି ତାଙ୍କ ପ୍ରଶିକ୍ଷକ ଶ୍ରୀନାଥ ନାରାୟଣ ଏଥିସହ ସେ ନିଜର ଏହି ୧୯ ବର୍ଷୀୟା ଛାତ୍ରୀଙ୍କୁ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ସହ ମଧ୍ୟ ତୁଳନା କରିଛନ୍ତି କଠିନ ପରିସ୍ଥିତିରେ ସେ ଧୋନିଙ୍କ ପରି ଶାନ୍ତ ରହିଥାନ୍ତି ବୋଲି ପ୍ରକାଶ କରିଛନ୍ତି ଶ୍ରୀନାଥ କହିଛନ୍ତି, ସେ ବହୁତ ଆକ୍ରମଣାତ୍ମକ ଖେଳାଳି ସମୟ ଅନୁଯାୟୀ ଦିବ୍ୟା ଅଲ୍‌ରାଉଣ୍ଡ୍ ଓ ନିପୁଣ ହୋଇଗଲେଣି ମୁଁ ଭାବୁଛି ବିଭିନ୍ନ ପ୍ରକାର ଫର୍ମାଟ୍- କ୍ଲାସିକାଲ, ରାପିଡ୍ ଓ ବ୍ଲିଜ୍‌ରେ ସମାନ ଭାବେ ଭଲ ପ୍ରଦର୍ଶନ କରୁଛନ୍ତି ବଡ଼ ମୁହୂର୍ତ୍ତ ଓ ସଂକଟପୂର୍ଣ୍ଣ ପରିସ୍ଥିତିରେ ନିଜର ଶକ୍ତି ଦେଖାଉଛନ୍ତି ଯେପରି ମହେନ୍ଦ୍ର ସିଂହ ଧୋନି ଶେଷ ଓଭରରେ ମ୍ୟାଚ୍ ଜିତାଉଥିଲେ ସେପରି ମୁଁ ଦିବ୍ୟାଙ୍କ ପାଖରେ ଦେଖିବାକୁ ପାଉଛି ଶେଷ ସମୟର ପ୍ରବଳ ଚାପ ବେଳେ ଧୋନିଙ୍କ ଭଳି ଶାନ୍ତ ରହି ପରିସ୍ଥିତି ସମ୍ଭାଳୁଛନ୍ତି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ବେଳେ ଚାପରେ ସେ ଚମତ୍କାର ପ୍ରଦର୍ଶନ କରୁଛନ୍ତି।

ମହାରାଷ୍ଟ୍ର ନାଗପୁରରେ ଏକ ମରାଠୀ ପରିବାରରେ ଜନ୍ମିତ ଦିବ୍ୟାଙ୍କ ବାପା ଜିତେନ୍ଦ୍ର ଓ ମା ନମ୍ରତା ଦେଶମୁଖ ଉଭୟ ଡାକ୍ତର



୨୦୨୧ରେ ଭାରତର ୨୧ତମ ମହିଳା ଗ୍ରାଣ୍ଡମାଷ୍ଟର୍ ହେବାର ଗେରବ ପାଇଥିଲେ ସେ ୨୦୨୨ରେ ସେ ମହିଳା ଇଣ୍ଡିଆନ୍ ଚେସ୍ ପ୍ରତିଯୋଗିତାରେ ବିଜେତା ହୋଇଥିଲେ ୨୦୨୦ ଫିଡେ ଅନ୍‌ଲାଇନ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ଏବଂ ୨୦୨୨ ଚେସ୍ ଅଲିମ୍ପିଆଡ୍‌ରେ ବ୍ୟକ୍ତିଗତ ବର୍ଗରେ କାଂସ୍ୟ ପାଇଥିଲେ। ୨୦୨୩ରେ ଦିବ୍ୟା ଦେଶର ତାରକା ଖେଳାଳି ଦ୍ରୋଣାବଲୀ ଓ ହମ୍ପିଙ୍କୁ ପରାସ୍ତ କରି ଏସୀୟ ମହିଳା ଚେସ୍ ଏବଂ ଟାଟା ଷ୍ଟିଲ୍ ରାପିଡ୍ ଡିଭିଜନ୍ ଜିତିଥିଲେ ୨୦୨୪ରେ ମଧ୍ୟ ତାଙ୍କର ବିଜୟ ଧାରା ଚାଲିଥିଲା ।ସେ ରେ ସାରଜା ଚ୍ୟାଲେଞ୍ଜର୍ସ, ଜୁନ୍‌ରେ ଫିଡେ ୨୦ ବର୍ଷରୁ କମ୍ ବାଳିକା ପ୍ରତିଯୋଗିତାରେ ବିଜେତା ହୋଇଥିଲେ ଚଳିତ ବର୍ଷ ଲଣ୍ଡନରେ ଆୟୋଜିତ ବିଶ୍ୱ ରାପିଡ ଓ ବ୍ଲିଜ୍ ଟିମ୍ ପ୍ରତିଯୋଗିତାରେ ଦିବ୍ୟା ବିଶ୍ୱର ୧ନଂ ହୋଉ ୟିଫାନ୍‌ଙ୍କୁ ୭୪ ଭ୍ରୁରେ ପରାଜିତ କରି ସମସ୍ତଙ୍କୁ ବିସ୍ମିତ କରି ଦେଇଥିଲେ।

ବିଶ୍ୱକପ୍ ଜିତିବା ପରେ ଦିବ୍ୟା ମାଙ୍କ ସହ ବିଜୟ ଉତ୍ସବ ପାଳନ କରିଥିଲେ ସେ କହିଛନ୍ତି ଯେ ମା ହେଉଛି ମୋର ବଡ଼ ସମର୍ଥକ ମୁଁ ଭାବିପାରୁନି ଯେ ତାଙ୍କ ବିନା ଏହା ସମ୍ଭବ ହୋଇଥାନ୍ତା ମୋ ପାଇଁ ଏହା ଜିତିବା ଆବଶ୍ୟକ ଥିଲା ଏହା ପ୍ରତିଯୋଗିତା ପୂର୍ବରୁ ମୋ ପାଖରେ ଗୋଟିଏ ହେଲେ ଗ୍ରାଣ୍ଡମାଷ୍ଟର୍ ମାନଦଣ୍ଡ ନଥିଲା ଏବେ ମୁଁ ଗ୍ରାଣ୍ଡମାଷ୍ଟର୍ ନିଶ୍ଚିତ ଭାବେ ଏହାର ବହୁତ ଅର୍ଥ ଅଛି ଆଗକୁ ଆହୁରି ବହୁତ କିଛି ହାସଲ କରିବାକୁ ଲକ୍ଷ୍ୟ ରଖିଛି ତେଣୁ ମୁଁ ଆଶା କରୁଛି ଏହା ଏକ ଆରମ୍ଭ ମାତ୍ର।

ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ବିଶ୍ୱକପ୍ ବିଜୟ ପରେ ଦିବ୍ୟାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କାରୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ୫ଥରର ବିଶ୍ୱ ବିଜେତା ବିଶ୍ୱନାଥ ଆନନ୍ଦଙ୍କ ସହ ବିଶ୍ୱ ଚେସ୍‌ର ପୂର୍ବତନ ଓ ଏବର ଖେଳାଳିମାନେ ଅଭିନନ୍ଦନ ଜଣାଇଛନ୍ତି।

ରାଷ୍ଟ୍ରପତି କହିଛନ୍ତି ଯେ, ପ୍ରଥମ ଭାରତୀୟ ମହିଳା ଏବଂ ମାତ୍ର ୧୯ ବର୍ଷ ବୟସରେ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ଦିବ୍ୟା ଦେଶମୁଖଙ୍କୁ ହୃଦୟର ଗଭୀରତମ କୋଣରୁ ଅଭିନନ୍ଦନ କୋନେରୁ ହମ୍ପି ଉପବିଜୟିନୀ, ଚେସ୍ ବିଶ୍ୱକପ୍‌ର ଫାଇନାଲିଷ୍ଟ ଦ୍ୱୟ ଭାରତୀୟ ଏହା ଆମ ଦେଶରେ ବିଶେଷକରି ମହିଳାମାନଙ୍କ ମଧ୍ୟରେ ପ୍ରତିଭାର ପ୍ରାବଲ୍ୟକୁ ରେଖାଙ୍କିତ କରୁଛି କୋନେରୁ ହମ୍ପି ତାଙ୍କର ଉଜ୍ଜ୍ୱଳ କ୍ୟାରିୟର ସମୟରେ ଉତ୍କର୍ଷ ବଜାୟ ରଖିବା ପାଇଁ ମୁଁ ତାଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ମୁଁ ନିଶ୍ଚିତ ଯେ ଏହି ଦୁଇ ମହିଳା ବିଜେତା ଆହୁରି ଅଧିକ ଗୌରବ ଆଣିବେ ଏବଂ ଆମର ଯୁବପିଢ଼ିଙ୍କୁ ପ୍ରେରଣା ଦେବେ ସେହିଭଳି ପ୍ରଧାନମନ୍ତ୍ରୀ କହିଛନ୍ତି, ଐତିହାସିକ ଫାଇନାଲ୍‌ରେ ଦୁଇ ଭାରତୀୟ ଚେସ୍ ଖେଳାଳି ଥିଲେ। ଫିଡେ ମହିଳା ବିଶ୍ୱ ଚେସ୍ ବିଜୟିନୀ ଯୁବ ଦିବ୍ୟା ଦେଶମୁଖ ପାଇଁ ଗର୍ବିତ ତାଙ୍କର ଏହି ସଫଳତା ଲାଗି ଅଭିନନ୍ଦନ, ଏହା ଯୁବଗୋଷ୍ଠୀଙ୍କୁ ପ୍ରେରଣା ଦେବ କୋନେରୁ ହମ୍ପି ମଧ୍ୟ ପୂରା ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଭବିଷ୍ୟତ ପ୍ରତିଯୋଗିତା ଲାଗି ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ।

ଫିଡେ ମହିଳା ବିଶ୍ୱକପ୍‌ରେ ଚମତ୍କାର ସଫଳତା ପାଇଥିବା ଦିବ୍ୟା ଦେଶମୁଖଙ୍କୁ ଅଭିନନ୍ଦନ ଦୁଇ ଭାରତୀୟ ମଧ୍ୟରେ ଖେଳାଯାଇଥବା ଫାଇନାଲ୍‌ରେ ବିଜୟୀ ହେବା ଭାରତୀୟ ଚେସ୍ ପାଇଁ ଗର୍ବର କଥା ସେ ମଧ୍ୟ ପ୍ରଥମ ଭାରତୀୟ ଭାବେ ମହିଳା ବିଶ୍ୱକପ୍‌ରେ ବିଜେତା ହୋଇଛନ୍ତି। ଆଗାମୀ କ୍ୟାଣ୍ଡିଡେଟ୍‌ସ ପ୍ରତିଯୋଗିତା ଲାଗି ତାଙ୍କୁ ଶୁଭେଚ୍ଛା ତାଙ୍କ ପରିବାରର ସମର୍ଥନ ପାଇଁ ପ୍ରଶଂସା କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଟ୍ୱିଟର୍‌ରେ ପ୍ରକାଶ କରିଛନ୍ତି। ନିଖିଳ ଓଡ଼ିଶା ଚେସ୍ ସଂଘ (ଏଓସିଏ) ସଭାପତି ସତ୍ୟରଂଜନ ପଟ୍ଟନାୟକ, ସମ୍ପାଦକ୍ ଦେବବ୍ରତ ଭଞ୍ଜ ଏବଂ ଏଆଇସିଏଫ୍ ଇଭେଣ୍ଟ କମିଟି ମୁଖ୍ୟ ରଂଜନ ମହାନ୍ତି ପ୍ରମୁଖ ଦିବ୍ୟାଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

# ଅକ୍ଟୋବର ୨୨ରୁ ସିପିଏଲ୍

ଭୁବନେଶ୍ୱର, ୨୯।୭: ଆସନ୍ତା ଅକ୍ଟୋବର ୨୨ରୁ ଆରମ୍ଭ ହେବ ଓଡ଼ିଶାର ଅନ୍ୟତମ ବଡ଼ କର୍ପୋରେଟ ଟୁର୍ଣ୍ଣାମେଣ୍ଟ ଥାର୍ଡ ଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ)। ଅକ୍ଟୋବର ୨୨ ତାରିଖରୁ ୫ ଦିନ ଧରି ଭୁବନେଶ୍ୱରର ଘାଟିକିଆ ହାଇସ୍କୁଲ ପଡ଼ିଆରେ ଆୟୋଜିତ ହେବ। ସିପିଏଲ ଗୋଟିଏ ପ୍ରିମିୟମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏଥିରେ ୧୬ଟି ଦଳ ଭାଗ ନେବେ। କର୍ପୋରେଟ ପ୍ରଫେସନାଲଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଟିମ୍‌ୱର୍କ ଓ ବନ୍ଧୁତ୍ୱର ଭାବନାକୁ ପ୍ରସାର ପ୍ରଚାର କରିବା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଉଦ୍ଦେଶ୍ୟ ।

ସିପିଏଲ ଫ୍ରାଞ୍ଚାଇଜ ଭିତ୍ତିରେ ଆୟୋଜିତ ହେବ ଅର୍ଥାତ ଖେଳାଳିଙ୍କ ନିଲାମ ହେବ। ଖେଳାଳି ନିଲାମୀ ପାଇଁ ପଞ୍ଜିକରଣ ଆରମ୍ଭ ହୋଇ ସାରିଛି। ସିପିଏଲରେ ପ୍ରତିଟି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ। ଟେନିସ ବଲରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ ୫ ଦିନ ଧରି ଚାଲିବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ମୋଟ ୩୨ଟି ମ୍ୟାଚ ଖେଳିବେ ।ଟୁର୍ଣ୍ଣାମେଣ୍ଟରେ ମୋଟ ୩ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ରହିଛି। ଚାମ୍ପିୟନଙ୍କୁ ୧ ଲକ୍ଷ ୫୦ ହଜାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିପରି ରନର୍ସ ଅପ ଦଳକୁ ୮୦ ହଜାର ଓ ଟ୍ରଫି ଦିଆଯିବ। ପ୍ରତି ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏ ପ୍ରଦାନ କରାଯିବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ